ରିପୋର୍ଟଯୋଗ୍ୟ

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଅପିଲ ଅଧିକାରିତା**

**<u>ଦେୱାନୀ ଆବେଦନ ସଂଖ୍ୟା ୨୩୪୮ /୨୦୦୪</u>**

**ମେସର୍ସ ଓସିଏଲ ଇଣ୍ଡିଆ ଲିମିଟେଡ ... ଆବେଦନକାରୀ (ମାନେ)**

**ବନାମ**

**ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ... ଉତ୍ତରଦାତା (ମାନେ )**

**ଏଥି ସହିତ**

**<u>ବିଶେଷ ଅନୁମତି ଆବେଦନପତ୍ର (ଦେୱାନୀ) ସଂଖ୍ୟା ୧୫୧୭୯ /୨୦୦୮</u>**

**<u>ଦେୱାନୀ ଆବେଦନ ସଂଖ୍ୟା ୪୬୪୯ -୪୬୫୦ /୨୦୧୨</u>**

**<u>ଦେୱାନୀ ଆବେଦନ ସଂଖ୍ୟା ୨୮୯/୨୦୧୨</u>**

**<u>ରାୟ</u>**

**ଏସ. ରବୀନ୍ଦ୍ର ଭଟ୍ଟ, ବିଚାରପତି**

୧. ଯେହେତୁ ସମ୍ବିଧାନର ସପ୍ତମ ପରିଚ୍ଛେଦ, ତାଲିକା - ୨ର ପ୍ରବେଶ ୫୨ ରେ "ସ୍ଥାନୀୟ କ୍ଷେତ୍ର"ର ବ୍ୟାଖ୍ୟା ସମ୍ବନ୍ଧୀୟ ଆଇନର ସାଧାରଣ ପ୍ରଶ୍ନ ରହିଛି, ତେଣୁ ଏହି ନ୍ୟାୟାଳୟ ତା୨୬.୦୩.୨୦୧୫ ରିଖରେ ନିଜର ଆଦେଶ ମାଧ୍ୟମରେ ଏହି ପ୍ରସଙ୍ଗକୁ ଏକ ବୃହତ୍ତର ବିଚାରପୀଠରେ ନିର୍ଣ୍ଣୟ ପାଇଁ ପଠାଇଥିଲେ । ଏହି ଆଦେଶ ***ଡାଇମଣ୍ଡ ସୁଗାର ମିଲ୍ସ ଲିମିଟେଡ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ***[1] ମାମଲାରେ ପୂର୍ବ ସାମ୍ବିଧାନିକ ବିଚାରପୀଠ ଦେଇଥିବା ରାୟକୁ ଦୃଷ୍ଟିରେ ରଖି ଜାରି କରାଯାଇଥିଲା, ଯେଉଁଥିରେ ଅଦାଲତ କହିଥିଲେ ଯେ ''ସ୍ଥାନୀୟ କ୍ଷେତ୍ର'' ଏପରି ଏକ କ୍ଷେତ୍ର ହେବ ଯାହାର ପରିଚାଳନା ସ୍ଥାନୀୟ ସଂସ୍ଥା ଯେପରିକି ପୌରପାଳିକା, ଜିଲ୍ଲା ବୋର୍ଡ, ସ୍ଥାନୀୟ ବୋର୍ଡ, ପଞ୍ଚାୟତ କିମ୍ବା ଅନୁରୂପ ଦ୍ୱାରା କରାଯାଇଥାଏ ଏବଂ କାରଖାନା ପରିସରକୁ ଉପରୋକ୍ତ ଅଭିବ୍ୟକ୍ତି ଅନ୍ତର୍ଗତ ରଖାଯାଇନାହିଁ । ନ୍ୟାୟାଳୟ ସମ୍ବିଧାନ (୭୪ ତମ) ସଂଶୋଧନ ଅଧିନିୟମ, ୧୯୯୨ କୁ ମଧ୍ୟ ଧ୍ୟାନରେ ରଖିଥିଲେ,

[1] (୧୯୬୧)୩ ଏସସିଆର ୨୪୨

ଯେଉଁଥିରେ ପୌରପାଳିକା ସଂସ୍ଥାଗୁଡ଼ିକର ଗଠନ ଏବଂ ପ୍ରଶାସନ ସହ ଜଡ଼ିତ ଧାରା ୨୪୩–ଥ କୁ ସାମିଲ କରାଯାଇଥିଲା ଏବଂ ଏହି ବିକାଶକୁ ଦୃଷ୍ଟିରେ ରଖି, ବର୍ତ୍ତମାନର ଅପିଲରେ ନ୍ୟାୟ ନିର୍ଣ୍ଣୟ ଆବଶ୍ୟକତା ଥିବା ପ୍ରସଙ୍ଗଗୁଡ଼ିକୁ ଏକ ବୃହତ୍ତର ବିଚାରପୀଠ ଦ୍ୱାରା ବିଚାର କରାଯିବା ଆବଶ୍ୟକ ବୋଲି କହିଥିଲେ । ତେଣୁ ଏହି ଆବେଦନଗୁଡ଼ିକ ଏହି ବିଚାରପୀଠରେ ତାଲିକାଭୁକ୍ତ କରାଯାଇଛି ।

୨. ସମ୍ପୃକ୍ତ ଥିବା ପ୍ରସଙ୍ଗ ଗୁଡିକର ସଠିକ ନିର୍ଦ୍ଧାରଣ କରିବା ପାଇଁ ପ୍ରଥମେ ତାଲିକା-୨ର ପ୍ରବେଶ-୫୨କୁ ବିଜ୍ଞପ୍ତି ଦେବା ଦରକାର, ଯାହା ପ୍ରବେଶ ଶୁଳ୍କ ଲାଗୁ କରିବା ପାଇଁ ରାଜ୍ୟ ବିଧାନସଭା କୁ କ୍ଷମତା ପ୍ରଦାନ କରେ:

> *"କୌଣସି ସ୍ଥାନୀୟ କ୍ଷେତ୍ରରେ ବସ୍ତୁଗୁଡିକର ଉପଭୋଗ, ଉପଯୋଗ ବା ବିକ୍ରୟ ନିମିତ୍ତ ପ୍ରବେଶ ଶୁଳ୍କ ଲାଗୁ ।"*[2]

୩. ସମ୍ବିଧାନରେ "ସ୍ଥାନୀୟ କ୍ଷେତ୍ର" ଶବ୍ଦକୁ ସଠିକ ଅର୍ଥ ପ୍ରଦାନ କରାଯାଇନାହିଁ, ତେବେ ସାଧାରଣ ଖଣ୍ଡ ଅଧିନିୟମ ୧୮୯୭ ର ବ୍ୟବସ୍ଥା ଅନୁଚ୍ଛେଦ ୩୬୭ ଦ୍ୱାରା ହୋଇଛି, ଯାହା ଅନୁଚ୍ଛେଦ ୩୭୨ ଅନ୍ତର୍ଗତ କରାଯାଇଥିବା ଉପଯୋଗିକରଣ କିମ୍ବା ରୂପାନ୍ତରଣ ର ବଶବର୍ତ୍ତୀ ରହି, ସମ୍ବିଧାନର ବ୍ୟାଖ୍ୟା ପାଇଁ ଲାଗୁ ହେବ । ସାଧାରଣ ଖଣ୍ଡ ଅଧିନିୟମ,୧୮୯୭ ରେ କୌଣସି ସ୍ଥାନୀୟ କ୍ଷେତ୍ରକୁ ସଂଜ୍ଞା ପ୍ରଦାନ କରାଯାଇନାହିଁ, ତେବେ ଏହା ଅନୁଚ୍ଛେଦ ୨(୩୧ ) ଅନୁଯାୟୀ ନିମ୍ନଲିଖିତ ପରିପ୍ରେକ୍ଷୀରେ "ସ୍ଥାନୀୟ କର୍ତ୍ତୃପକ୍ଷ"ଙ୍କୁ ସଂଜ୍ଞା ପ୍ରଦାନ କରିଥାଏ :

> *"(୩୧) "ସ୍ଥାନୀୟ କର୍ତ୍ତୃପକ୍ଷ" ର ଅର୍ଥ ଏକ ପୌରପାଳିକା ସମିତି, ଜିଲ୍ଲା ବୋର୍ଡ ,ବନ୍ଦର କମିଶନରମାନଙ୍କର ସଂସ୍ଥା କିମ୍ବା ଅନ୍ୟାନ୍ୟ କର୍ତ୍ତୃପକ୍ଷ ଏକ ପୌର କିମ୍ବା ସ୍ଥାନୀୟ ପାଣ୍ଠି ର ନିୟନ୍ତ୍ରଣ ବା ପରିଚାଳନା ପାଇଁ ସରକାରଙ୍କ ଦ୍ୱାରା ଆଇନଗତ ଭାବରେ ଅଧିକାରପ୍ରାପ୍ତ କିମ୍ବା ଦାୟିତ୍ୱ ଗ୍ରହଣ କରିବେ ।"*

୪. ଓଡ଼ିଶା ରାଜ୍ୟ ପ୍ରବେଶିକା ଶୁଳ୍କ ଅଧିନିୟମ ୧୯୯୯ (ଏହା ପରେ "ଓଡ଼ିଶା ଅଧିନିୟମ") ପ୍ରଣୟନ କରିଥିଲା, ଯଦ୍ୱାରା ସ୍ଥାନୀୟ ଅଞ୍ଚଳକୁ ଅନ୍ୟ କ୍ଷେତ୍ରଗୁଡିକ[3] ମଧ୍ୟରେ ଔଦ୍ୟୋଗିକ ସହରାଞ୍ଚଳକୁ ସାମିଲ କରିଥିଲା, ଯେଉଁଥିରେ ଓଡ଼ିଶା ପୌର ଅଧିନିୟମ ୧୯୫୦ (ଏହା ପରେ "୧୯୫୦ ଅଧିନିୟମ") ର ଧାରା ୪ ଅଧୀନରେ ଗଠିତ ଶିଳ୍ପ ସହରାଞ୍ଚଳ ଅନ୍ତର୍ଗତ ଅଞ୍ଚଳ ସାମିଲ ଥିଲା, ଯେଉଁଠିକୁ ଜିନିଷପତ୍ରର ପ୍ରବେଶ ପାଇଁ ପ୍ରବେଶ ଶୁଳ୍କ[4] ଲାଗୁ ହେବ । ୧୯୫୦ ଅଧିନିୟମ, ଧାରା ୪ ଅନୁଯାୟୀ ରାଜ୍ୟ ସରକାର (କ) ପ୍ରତ୍ୟେକ "ପରିବର୍ତ୍ତନୀୟ କ୍ଷେତ୍ର" ପାଇଁ ଏକ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରିପାରିବେ, (ଖ) ପ୍ରତ୍ୟେକ ଛୋଟ ସହରାଞ୍ଚଳ ପାଇଁ ଏକ ପୌର ପରିଷଦ ଗଠନ

---

[2] ଏହି ପ୍ରବେଶ କୁ ସମ୍ବିଧାନ (୧୦୧ ) ସଂଶୋଧନ ଅଧିନିୟମ ୨୦୧୬ ଦ୍ୱାରା ବାଦ ଦିଆଗଲା ।

[3] (ଚ) "ସ୍ଥାନୀୟକ୍ଷେତ୍ର" ର ଅର୍ଥ କୌଣସି ସୀମାବଦ୍ଧ ମଧ୍ୟରେ ରହିଥିବା କ୍ଷେତ୍ର -

(୧) ଓଡ଼ିଶା ପୌର ଅଧିନିୟମ ୧୯୫୦ ( ଓଡ଼ିଶା ଅଧିନିୟମ ସଂଖ୍ୟା ୨୩/୧୯୫୦ ) ଅନ୍ତର୍ଗତ ଗଠିତ ପୌରପାଳିକା;

(୨) ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪ (୧୯୬୫ର ଓଡ଼ିଶା ଅଧିନିୟମ ସଂଖ୍ୟା ୧) ଅଧୀନରେ ଗଠିତ ଗ୍ରାମ ପଞ୍ଚାୟତ;

(୩)ଯେକୌଣସି ନାମରେ ନାମିତ ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ, ସେହି ସମୟରେ ବଳବତ୍ତର ରହିଥିବା କୌଣସି ଆଇନରେ ଗଠିତ କିମ୍ବା ଚାଲୁ ରହିଥିବା, ଏବଂ ଓଡ଼ିଶା ପୌର ଅଧିନିୟମ ୧୯୫୦(ଓଡ଼ିଶା ଅଧିନିୟମ ୧୯୫୦ ର ୨୩) ର ଧାରା ୪ ଅନୁଯାୟୀ ଗଠିତ ଏକ ଶିଳ୍ପ ସହରାଞ୍ଚଳ ମଧ୍ୟରେ ଅନ୍ତର୍ଭୁକ୍ତ କ୍ଷେତ୍ର ।

[4] ଧାରା 3 ଅନୁଯାୟୀ, ଉପଯୋଗ,ବ୍ୟବହାର କିମ୍ବା ବିକ୍ରୟ ଲାଗି ସ୍ଥାନୀୟ ଅଞ୍ଚଳରେ ତଫସିଲଭୁକ୍ତ ସାମଗ୍ରୀର ପ୍ରବେଶ ଉପରେ ଶୁଳ୍କ ଲାଗୁ କରାଯାଇଥିଲା ।

କରିପାରିବେ ଏବଂ (ଗ) ପ୍ରତ୍ୟେକ ବୃହତ ସହରାଞ୍ଚଳ ପାଇଁ ଏକ ପୌର ନିଗମ ଗଠନ କରିପାରିବେ । ତେବେ ଧାରା ୪ (୧) ର ସର୍ତ୍ତାବଳୀ ସୂଚିତ କରେ ଯେ ଏପରି କୌଣସି ପରିଷଦ କିମ୍ବା ନିଗମ :

*"କୌଣସି ସହରାଞ୍ଚଳ ବା ତହିଁର କୌଣସି ଭାଗରେ ଗଠିତ ହେବ ନାହିଁ ଯାହାକି ରାଜ୍ୟପାଳ ସେହି କ୍ଷେତ୍ରରେ କୌଣସି ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ଅଧିସୂଚନା କରାଯାଉଥିବା ବା କରାଯିବାକୁ ପ୍ରସ୍ତାବିତ ମ୍ୟୁନିସିପାଲ ସେବା ଅଧୀନରେ କ୍ଷେତ୍ରର ଆକାର ଏବଂ ଅଧିସୂଚନା ଦ୍ୱାରା ଶିଳ୍ପ ସହରାଞ୍ଚଳ ବୋଲି ବିନିର୍ଦ୍ଦିଷ୍ଟ ହୋଇଥିବା ଅନ୍ୟ କାରଣକୁ ଧ୍ୟାନରେ ରଖି କରିପାରିବେ।"*

୫. ଏହି ନ୍ୟାୟାଳୟରେ ଦୁଇ ଜଣ ଆବେଦନକାରୀ ଯଥା ମେସର୍ସ ଓସିଏଲ ଇଣ୍ଡିଆ ଲିମିଟେଡ ଏବଂ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ଏହା ପରେ "ଏସ ଏ ଆଇ ଏଲ୍") ଓଡ଼ିଶା ଅଧିନିୟମ ବିଶେଷ କରି ପ୍ରବେଶ ଶୁଳ୍କ ଆଦାୟ ଉପରେ ଆପତ୍ତି ଉଠାଇଥିଲେ । ଏସ ଏ ଆଇ ଏଲ ପକ୍ଷରୁ କୁହାଯାଇଛି ଯେ ପ୍ରବେଶ ଶୁଳ୍କ ଲାଗୁ କରିବା ସମ୍ବିଧାନର ଧାରା ୩୦୧ର ଉଲ୍ଲଙ୍ଘନ ।ଏହି ଆପତ୍ତି ସପକ୍ଷରେ *ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଏବଂ ଅନ୍ୟମାନେ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ*[5] ମାମଲାର ପାଞ୍ଚ ଜଣିଆ ବିଚାରପୀଠ ଦେଇଥିବା ରାୟ ଉପରେ ସେଲ ନିର୍ଭର କରିଥିଲା । ଏହି ଅଦାଲତ ଧାରଣା ଦେଇଛନ୍ତି ଯେ ଯେତେବେଳେ ବି ଏକ ନିୟମ ଅନୁଚ୍ଛେଦ ୩୦୧ ଉଲ୍ଲଙ୍ଘନକାରୀ ବୋଲି ବିଚାର କରାଯାଏ ସେତେବେଳେ ଅଦାଲତ କୁ ବିଚାର କରିବାକୁ ପଡିବ ଯେ ଏହି ନିୟମ ବହିର୍ଭାବରେ କିମ୍ବା ସ୍ୱଷ୍ଟଗତ ଭାବରେ ପରିମାଣିକ ତଥ୍ୟ ସୂଚାଇଥାଏ ଯାହା ଉପରେ ଆଧାର କରି କ୍ଷତିପୂରଣ ଶୁଳ୍କ ଅଦାୟ କରିବାକୁ ଚେଷ୍ଟା କରାଯାଇଥାଏ । ଏସ ଏ ଆଇ ଏଲ୍ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ରିଟ୍ ପିଟିସନ ଆଧାରରେ କୁହାଯାଇଥିଲା ଯେ ଭାରତକୁ ଆମଦାନୀ ହେଉଥିବା ପୁଞ୍ଜି ସାମଗ୍ରୀ ଏବଂ କଞ୍ଚାମାଲ ଏବଂ କାରଖାନାଗୁଡ଼ିକରେ ବ୍ୟବହାର ହେଉଥିବା କଞ୍ଚାମାଲ ଉପରେ ଲାଗିଥିବା ପ୍ରବେଶ ଟିକସ ଅସାମ୍ବିଧାନିକ । ଉଚ୍ଚ ନ୍ୟାୟାଳୟ ଏହାର ଆକ୍ଷେପିତ ରାୟ ଦ୍ୱାରା ଏସ ଏ ଆଇ ଏଲ୍ ର ରିଟ୍ ଆବେଦନକୁ ଏହି ଆଧାରରେ ଖାରଜ କରିଦେଇଛନ୍ତି ଯେ ଓଡ଼ିଶା ପ୍ରବେଶ ଶୁଳ୍କ କୌଣସି ସାମ୍ବିଧାନିକ ପ୍ରତିବନ୍ଧକ କୁ ଉଲଂଘନ କରୁନାହିଁ ଏବଂ ଏହା ସମ୍ବିଧାନର ଅନୁଚ୍ଛେଦ ୩୦୪(କ) ଅନୁରୂପ ଅଟେ । ସେଲ ତରଫରୁ ୧୫. ୦୪ .୧୯୯୫ ତାରିଖର ଅଧିସୂଚନା ଯାହା ୦୭ .୦୩ .୧୯୯୬ ଏବଂ ୧୭ .୧୧ .୨୦୧୪ ତାରିଖ ଅଧିସୂଚନାରେ ସଂଶୋଧନ ହୋଇଥିଲା ତାହାକୁ ଆଧାର କରି ଯୁକ୍ତି ଦର୍ଶାଯାଇଥିଲା ଯେ ଏହାର ପ୍ରଭାବ ରାଉରକେଲା ନଗରପାଳିକାର ଅଂଶବିଶେଷ ଥିବା ଶିଳ୍ପ କ୍ଷେତ୍ରକୁ ବାଦ ଦେବ, ଫଳସ୍ୱରୂପ ସମ୍ପୃକ୍ତ ଇଲାକା ଓଡ଼ିଶା ଅଧିନିୟମ ଅଧୀନରେ ସ୍ଥାନୀୟ ଅଞ୍ଚଳ ଭାବେ ରହିବା ବନ୍ଦ ହୋଇଯାଇଥିଲା ।

୬. ଓସିଏଲ ଏହି ଶୁଳ୍କ ଅଦାୟକୁ ଆପତ୍ତି କରି କହିଥିଲା ଯେ ୨୩.୧୨.୧୯୯୮ ତାରିଖର କେତେକ ବିଜ୍ଞପ୍ତି ଆଧାରରେ ସ୍ଥାପିତ ହୋଇଥିବା ଶିଳ୍ପ ଟାଉନସିପଗୁଡିକ ରାଜଗାଙ୍ଗପୁର ପୌରପାଳିକା ର ସ୍ଥାନୀୟ ସୀମା ରୁ ବାଦ

[5] (୨୦୦୬) ୭ ଏସସିସି ୨୪୧

ଦିଆଗଲା  ତେଣୁ, ଏହା ଯୁକ୍ତି ହେଲା ଯେ ଓଡ଼ିଶା ଅଧିନିୟମ ରେ ସେହି ଶବ୍ଦର ପରିଭାଷା ଅନୁଯାୟୀ ଏହାର ଶିଳ୍ପ ସହରକୁ ସ୍ଥାନୀୟ ଅଞ୍ଚଳ ଭାବରେ ଅନ୍ତର୍ଭୁକ୍ତ କରିବା ଅସାମ୍ବିଧାନିକ  ଅଟେ ।  ଓସିଏଲ ପକ୍ଷରୁ କୁହାଯାଇଛି ଯେ ପୌର ପରିଷଦ ସହିତ ହୋଇଥିବା ବୁଝାମଣା (ପରବର୍ତ୍ତୀ ସମୟରେ "ରାଜିନାମା")[6]  ଅନୁଯାୟୀ ସେବା ବ୍ୟବସ୍ଥା ଏବଂ ଯୋଗାଇ ଦିଆଯାଉଥିବା ସେବାର ପ୍ରକାରକୁ ଦୃଷ୍ଟିରେ ରଖି ଏହାର ଔଦ୍ୟୋଗିକ ସହରାଞ୍ଚଳକୁ ସ୍ଥାନୀୟ ଅଞ୍ଚଳ ଭାବେ ବର୍ଣ୍ଣନା କରାଯାଇପାରିବ ନାହିଁ । ଏହା ମଧ୍ୟ ସମ୍ବିଧାନର ଅନୁଚ୍ଛେଦ  ୨୪୩–ଥ ଉପରେ ବିଶ୍ୱାସ କରିଥିଲା ଏବଂ ଯୁକ୍ତି ବାଢିଥିଲା ଯେ ସଂସଦ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ଆଇନ ସଂଶୋଧିତ ସମ୍ବିଧାନ, ବିଶେଷ କରି ଅନୁଚ୍ଛେଦ ୨୪୩–ଥ ର ବ୍ୟବସ୍ଥାକୁ ଅନୁରୂପ ହେବା ଆବଶ୍ୟକ, ଯାହାର ଉଦ୍ଦେଶ୍ୟ ପୌରପାଳିକା ଏବଂ ପୌର ସଂସ୍ଥା, ଶିଳ୍ପ ପ୍ରତିଷ୍ଠାନର ପରିଧିରୁ ବାହାର କରିବା ଥିଲା । ତେଣୁ ପ୍ରବେଶ ଶୁଳ୍କ ଲାଗୁ କରିବା ଅସିଦ୍ଧ ଥିଲା । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଉଭୟ ଓସିଏଲ ଏବଂ ଏସ ଏ ଆଇ ଏଲ୍ ର ରିଟ୍ ପିଟିସନକୁ ଖାରଜ କରିଦେଇଛନ୍ତି ।[7]

୭.  ଏହି ଦଳରେ ହିନ୍ଦୁସ୍ତାନ ଆଲୁମିନିୟମ କମ୍ପାନୀ ଲିମିଟେଡ (ପରବର୍ତ୍ତି  ସମୟରେ  "ହିଣ୍ଡାଲକୋ") ଦ୍ୱାରା ନିବେଦନ କରାଯାଇଥିବା ଦୁଇଟି ଆବେଦନକୁ[8]  ମଧ୍ୟ ନେଇ ଗଠିତ । ଆଲ୍ଲାହାବାଦ  ହାଇକୋର୍ଟଙ୍କ ଦ୍ୱାରା  ୨୩ .୧୨.୨୦୧୧ ତାରିଖରେ  ଦିଆଯାଇଥିବା ସାମାନ୍ୟ ରାୟ ବିରୁଦ୍ଧରେ ଉଭୟ ଆବେଦନ କୁ  ଅଣାଯାଇଛି, ଯାହା ଅନୁରୋଧ କରାଯାଇଥିବା ବିବାଦକୁ ନକରାତ୍ମକ କରିଦେଇଛି, (ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଓସିଏଲ ଏବଂ ଏସ୍ ଏ ଆଇ ଏଲ୍  ଦ୍ୱାରା ପ୍ରଦତ୍ତ  ତଥ୍ୟ ସେହି ଉକ୍ତି ଗୁଡିକ ସହିତ ସମାନ) । ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟ ନିଜର ଆକ୍ଷେପିତ ରାୟ ରେ ବିସ୍ତୃତ କାରଣ ଦର୍ଶାଇ କେବଳ ଉତ୍ତର ପ୍ରଦେଶ ଅଧିନିୟମର ବ୍ୟବସ୍ଥା ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ସଂଜ୍ଞା ଉପରେ ମଧ୍ୟ ଧ୍ୟାନ ଦେଇଥିଲେ ଏବଂ ଅନ୍ୟ ସଜାତୀୟ ବିଧାନ ଯଥା:- ଉତ୍ତରପ୍ରଦେଶ ପୌରପାଳିକା ଅଧିନିୟମ, ୧୯୧୬; ଉତ୍ତରପ୍ରଦେଶ କ୍ଷେତ୍ର ପଞ୍ଚାୟତ ଏବଂ ଜିଲ୍ଲା ପଞ୍ଚାୟତ ଅଧିନିୟମ  ୧୯୬୧; ସଂଯୁକ୍ତ ପ୍ରଦେଶ ପଞ୍ଚାୟତ ରାଜ ଅଧିନିୟମ ୧୯୪୭  ଏବଂ ଉତ୍ତର ପ୍ରଦେଶ ଶିଳ୍ପ କ୍ଷେତ୍ର ବିକାଶ ଅଧିନିୟମ, ୧୯୭୬ (ପରବର୍ତ୍ତି ସମୟରେ ୟୁପିଆଇଏଡି ଅଧିନିୟମ) ର ଉଲ୍ଲେଖ  କରିଥିଲେ । ହିଣ୍ଡାଲକୋ ନିଜର ଆବେଦନରେ  ୦୭.୦୪.୨୦୦୦ ରେ ପ୍ରକାଶିତ ବିଜ୍ଞପ୍ତି ଆଧାରରେ  ଏହାର ସୋନଭଦ୍ରର ରେଣୁକୂଟ ଶିଳ୍ପ ଅଞ୍ଚଳକୁ ୟୁପିଆଇଏଡି ଅଧିନିୟମ ଅନ୍ତର୍ଗତ ଏକ ଶିଳ୍ପ ସହରାଞ୍ଚଳ ଭାବେ ଘୋଷଣା କରାଯାଇଥିବା ତଥ୍ୟ ଉପରେ ଭରସା ରଖିଥିଲା ।

[6] ରାଜଗାଙ୍ଗପୁର ମ୍ୟୁନିସିପାଲିଟି ଏବଂ ଓସିଏଲ ଇଣ୍ଡିଆ ଲିମିଟେଡ, ରାଜଗାଙ୍ଗପୁର ମଧ୍ୟରେ ୨୬-୦୩ -୧୯୯୯  ତାରିଖରେ ସମ୍ପତି ଏବଂ ଦାୟିତ୍ବ ଆଦି ହସ୍ତାନ୍ତରଣ ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

[7] ଓଜେସି ନଂ ୧୪୪୨୪ /୧୯୯୯  (ଯାହା ସିଏ ନଂ ୨୩୪୮ /୨୦୦୪ ର ବିଷୟବସ୍ତୁ) ରେ ଦିନାଙ୍କ ୨୮.୦୩.୨୦୦୩  ଏବଂ ଡବ୍ଲୁପି ୩୦୧୯ /୨୦୦୭  (ଯାହା ଏସଏଲପି ନଂ ୧୫୧୭୯ /୨୦୦୮ ର ବିଷୟବସ୍ତୁ) ରେ ଦିନାଂକ ୧୮ .୦୨ .୨୦୦୮ର ଦୁଇଟି ଭିନ୍ନ ଭିନ୍ନ ରାୟ ଦ୍ୱାରା ହୋଇଛି।

[8] ଦେୱାନୀ ଆବେଦନ ନଂ ୪୬୪୯-୫୦ /୨୦୧୨ ଏବଂ ଦେୱାନୀ ଆବେଦନ ନଂ ୨୮୯ /୨୦୧୨

୮. ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟରେ କୁହାଯାଇଥିଲା ଯେ ପ୍ରବେଶ ଶୁଳ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳର ପରିଭାଷା ମଧ୍ୟରେ ଶିଳ୍ପ ସହରାଞ୍ଚଳକୁ ସାମିଲ କରିବା କୌଣସି ସାମ୍ବିଧାନିକ ସୀମାକୁ ଅତିକ୍ରମ କରିନାହିଁ ଏବଂ ଏହା ମଧ୍ୟ ସମ୍ବିଧାନର ଅନୁଚ୍ଛେଦ ୨୪୩ –ଥ କୁ ଉଲ୍ଲଂଘନ କରିନାହିଁ।

କ. ପକ୍ଷମାନଙ୍କର ଉପସ୍ଥାପନା

(୧) ଆବେଦନକାରୀଙ୍କ ଯୁକ୍ତି

୯. ଓସିଏଲର ଅଧିବକ୍ତା ଶ୍ରୀମାନ ବ୍ରଜ. କେ. ମିଶ୍ର ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଏହାର ବିଜ୍ଞାପିତ ଶିଳ୍ପ ସହରାଞ୍ଚଳରେ କୌଣସି ଅକଟ୍ରୋଇ ଶୁଳ୍କ ଆଦାୟ କରାଯାଉନାହିଁ କିମ୍ବା ଲଗାଯାଉନାହିଁ ଏବଂ ସେଥିପାଇଁ ଏହା ସମ୍ବିଧାନର ସପ୍ତମ ଅନୁସୂଚୀ ତାଲିକା-୨ର ପ୍ରବେଶିକା ୫୨ ଅଧୀନରେ "ସ୍ଥାନୀୟ କ୍ଷେତ୍ର " ର ସଂଜ୍ଞା ଦ୍ୱାରା ଅନ୍ତର୍ଭୁକ୍ତ ନୁହେଁ । ଫଳସ୍ୱରୂପ ଏପରି ଶିଳ୍ପ ସହରାଞ୍ଚଳରେ ବ୍ୟବହାର, ବିକ୍ରୟ କିମ୍ବା ଉପଯୋଗ ନିମିତ୍ତ ସାମଗ୍ରୀଗୁଡିକ ଉପରେ ପ୍ରବେଶ ଶୁଳ୍କ ଆଦାୟ କରିବା ରାଜ୍ୟ ବିଧାନସଭାର ଅକ୍ଷମତା କାରଣରୁ ଅସାମ୍ବିଧାନିକ ଘୋଷିତ ହେବା ଆବଶ୍ୟକ ।

୧୦. ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ନିବେଦନ କରାଯାଇଥିଲା ଯେ ସମ୍ବିଧାନର ଭାଗ ୯-କ ଅନ୍ତର୍ଗତ ଅନୁଚ୍ଛେଦ ୨୪୩-ଥ ର ପ୍ରଚଳନ ପରେ ମଧ୍ୟ *ଡାଇମଣ୍ଡ ସୁଗାର ମିଲ୍ସ* (ଉପରୋକ୍ତ) ରେ ଘୋଷିତ ତାଲିକା-୨ (ସମ୍ବିଧାନର ସପ୍ତମ ଅନୁସୂଚୀର) ପ୍ରବେଶ ୫୨ ର ବ୍ୟାଖ୍ୟା ପ୍ରଯୁଜ୍ୟ । ଏହି ବ୍ୟବସ୍ଥା ଲାଗୁ କରିବାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସଂସ୍ଥା ର କାର୍ଯ୍ୟଧାରାକୁ ସୁଦୃଢ଼ କରିବା କାରଣ ସେମାନେ ସ୍ୱୟଂ ଶାସନର ଜୀବନ୍ତ ଏକକ ରୂପେ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିବାରେ ଅସମର୍ଥ ଥିଲେ । ଏହି ଅନୁଚ୍ଛେଦର ସର୍ତ୍ତାବଳୀ ରାଜ୍ୟପାଳଙ୍କୁ ଏପରି ଏକ କ୍ଷେତ୍ର ଶିଳ୍ପ ପ୍ରତିଷ୍ଠାନକୁ ଅଲଗା କରିବା ପାଇଁ ଅନୁମତି ପ୍ରଦାନ କରିଥାଏ ଯେଉଁଥିରେ ଶିଳ୍ପ ସହରାଞ୍ଚଳ ପ୍ରତିଷ୍ଠା କରାଯାଇପାରିବ ଏବଂ ଯେଉଁଥିରେ ଏପରି ପ୍ରତିଷ୍ଠାନ ଦ୍ୱାରା କେତେକ ପୌର ସେବା ପ୍ରଦାନ କରାଯାଇପାରିବ । ଓକିଲ କହିଥିଲେ ଯେ ଏପରି ଶିଳ୍ପ ପ୍ରତିଷ୍ଠାନକୁ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା ପରିଚାଳିତ କ୍ଷେତ୍ର ଯଥା ଏକ ପୌରପାଳିକା କିମ୍ବା ସହରାଞ୍ଚଳ ପରି ସ୍ଥାନୀୟ ସ୍ୱୟଂ ଶାସିତ ସରକାର ସହ ତୁଳନା କରାଯାଇ ପାରିବ ନାହିଁ । ତେଣୁ, ଅନୁଚ୍ଛେଦ ୨୪୩ –ଥ ର ସର୍ତ୍ତାବଳୀ ଦ୍ୱାରା ଏହାକୁ ଅଲଗା କରିବାର ଅର୍ଥ ହେଲା ଯେ କୌଣସି ରାଜ୍ୟ ଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ ଏହାକୁ ସ୍ଥାନୀୟ ଅଞ୍ଚଳ ଭାବେ ବିବେଚନା କରାଯାଇପାରିବ ନାହିଁ । ତେଣୁ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ଆଇନତଃ ଘୋଷିତ ଏପରି କ୍ଷେତ୍ରରେ ପ୍ରବେଶ ଶୁଳ୍କ ଲାଗୁ କରିବାରେ ବିଫଳ ହେବ ।

୧୧. ଓସିଏଲର ଅଧିବକ୍ତା ଏହି ଅଦାଲତ ଦ୍ୱାରା *ୟୁନିଅନ ଅଫ ଇଣ୍ଡିଆ ବନାମ ଆରସି ଜୈନ*[9] ଏବଂ *ହାଉସିଂ ବୋର୍ଡ ଅଫ ହରିୟାଣା ବନାମ ହାଉସିଂ ବୋର୍ଡ କର୍ମଚାରୀ ସଂଘ*[10] ଘୋଷିତ ରାୟ ଉପରେ ନିର୍ଭର କରିଥିଲେ ଏବଂ ଦୃଢଭାବରେ ଅନୁରୋଧ କରିଥିଲେ ଯେ ଓସିଏଲ ପୌର ସମିତି , ଜିଲ୍ଲା ବୋର୍ଡ, ଗ୍ରାମ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ଭଳି କୌଣସି 'ସ୍ଥାନୀୟ କର୍ତ୍ତୃପକ୍ଷ'ଙ୍କ ଗୁଣ ଏବଂ ବିଶେଷତ୍ୱ କିମ୍ବା କ୍ଷମତା ଧାରଣ କରେନାହିଁ । ତେଣୁ ଏହାର 'ଶିଳ୍ପ ସହରାଞ୍ଚଳ' ସମ୍ବିଧାନର ସପ୍ତମ କାର୍ଯ୍ୟସୂଚୀ ରେ ବ୍ୟବହୃତ 'ସ୍ଥାନୀୟ ଅଞ୍ଚଳ' ଅଭିବ୍ୟକ୍ତି ମଧ୍ୟରେ ଆସୁଛି ବୋଲି ଅର୍ଥ କରାଯାଇ ପାରିବ ନାହିଁ । *ଡାଇମଣ୍ଡ ସୁଗାର ମିଲ୍ସ ଲିମିଟେଡ* (ଉପରୋକ୍ତ) ଉପରେ ମଧ୍ୟ ଭରସା ରଖି ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ ଯଦିଓ 'ସ୍ଥାନୀୟ ଅଞ୍ଚଳ' ଶବ୍ଦକୁ କାରଖାନା ପରିସର ସମ୍ବନ୍ଧରେ ବ୍ୟାଖ୍ୟା କରାଯାଇଛି, ତଥାପି ଏହାର ବ୍ୟାଖ୍ୟା କେବଳ କାରଖାନା ପରିସରରେ ସୀମିତ ରହିବା ଉଚିତ ନୁହେଁ ।ଏହି ନ୍ୟାୟାଳୟ *ଡାଇମଣ୍ଡ ସୁଗାର ମିଲ୍ସ* (ଉପରୋକ୍ତ)ରେ କହିଥିଲେ ଯେ:

> *" ୧୫. "ସ୍ଥାନୀୟ" "ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି" "ସ୍ଥାନ ସହ ଜଡ଼ିତ" । "ପ୍ରଥମେ ଏହା ଲକ୍ଷ୍ୟ କରାଯାଇପାରେ ଯେ ପ୍ରବେଶିକା ୫୨ ର ଉଦ୍ଦେଶ୍ୟ ପାଇଁ ସଂପୂର୍ଣ୍ଣ ରାଜ୍ୟ "ସ୍ଥାନୀୟ ଅଞ୍ଚଳ" ହୋଇପାରିବ କି ନାହିଁ, ଏହା ସ୍ପଷ୍ଟ ଯେ ଏହି ଉଦ୍ଦେଶ୍ୟ ପାଇଁ "ସ୍ଥାନୀୟ ଅଞ୍ଚଳ" ରାଜ୍ୟ ମଧ୍ୟରେ ଏକ କ୍ଷେତ୍ର ହେବା ଆବଶ୍ୟକ।*
>
> *xxxxxxx xxxxxxx xxxxxxx*
>
> *୨୮. ତେଣୁ କାରଖାନା ପରିସରଟି "ସ୍ଥାନୀୟ ଅଞ୍ଚଳ" ନୁହେଁ ।*

୧୨. ଓସିଏଲ ଏବଂ ପୌରପାଳିକା ମଧ୍ୟରେ ହୋଇଥିବା ବୁଝାମଣା ଆଧାରରେ ଓସିଏଲ କହିଥିଲା ଯେ ଓସିଏଲର ପରିସର ଏକ ଶିଳ୍ପ ସହର ଭାବେ ଘୋଷଣା କରାଯିବା ପରେ ରାଜଗାଙ୍ଗପୁର ପୌର କ୍ଷେତ୍ରରୁ ଅଲଗା କରିଦିଆଯାଇଛି। ଏହା ବ୍ୟତୀତ ରାଜ୍ୟ ସରକାର, ରାଜଗାଙ୍ଗପୁର ପୌରପାଳିକା ଏବଂ ଓସିଏଲ ମଧ୍ୟରେ ୦୧- 0୨ -୧୯୯୯ ରେ ହୋଇଥିବା ଆଲୋଚନାଚକ୍ରର[11] ଅନୁବିଧି ୫ ରେ ଘୋଷଣା କରାଯାଇଛି ଯେ ଓସିଏଲ ଦ୍ୱାରା କ୍ରୟ କରାଯାଇଥିବା ସାମଗ୍ରୀ ଅକ୍ଟ୍ରୋଇ ପାଇଁ ଲାଗୁ ହେବ ନାହିଁ । ଶ୍ରୀମାନ ଅଧିବକ୍ତା କହିଥିଲେ ଯେ ଥରେ ଓସିଏଲ ଅକ୍ଟ୍ରୋଇ ଦେୟରୁ ମୁକ୍ତ ହୋଇଗଲେ, ରାଜ୍ୟ ସରକାର ଏହା ଦ୍ୱାରା କ୍ରୟ କରାଯାଉଥିବା ସାମଗ୍ରୀ ଉପରେ ଶୁଳ୍କ ଆଦାୟ ପାଇଁ ବାଧ କରିପାରିବେ ନାହିଁ ଯେହେତୁ ଅକ୍ଟ୍ରୋଇ ଦେୟ ମୂଳତଃ ହେଉଛି ପ୍ରବେଶ ଶୁଳ୍କର ପୂର୍ବବର୍ତ୍ତୀ ।

[9] (୧୯୮୧) ୨ ଏସସିସି ୩୦୮

[10] (୧୯୯୬) ୧ ଏସସିସି ୯୫

[11] ସଂଖ୍ୟା ୨୪୯/ରେସ୍ ରେ : ଓସିଏଲ ଇଣ୍ଡିଆ ଲିମିଟେଡ ଏବଂ ରାଜଗାଙ୍ଗପୁର ପୌରପାଳିକା ମଧ୍ୟରେ ସମ୍ପତ୍ତି ଏବଂ ଦେୟ ଆଦି ସମାଧାନ ଲାଗି ସମିତି ଗଠନ

୧୩. ଏସ ଏ ଆଇ ଏଲ ର ଓକିଲ ଶ୍ରୀ ଏସ. କେ. ବାଗରିଆ *ଡାଇମଣ୍ଡ ସୁଗାର ମିଲ୍ସ* (ଉପରୋକ୍ତ) ର ଉକ୍ତି ଉପରେ ନିର୍ଭର କରିଥିଲେ ଏବଂ *ନ୍ୟୁ ଓଖଲା ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ଅଥରିଟି ବନାମ ଆୟକର କମିଶନର*[12] (ପରବର୍ତ୍ତୀ ପର୍ଯ୍ୟାୟରେ "ନୋଏଡା") ଉପରେ ନିର୍ଭର କରି ନିବେଦନ କଲେ ଯେ ଭାରତୀୟ ସମ୍ବିଧାନର ଧାରା ୨୪୩-ଥ ରେ ଶିଳ୍ପ ପ୍ରତିଷ୍ଠାନର ଗଠନକୁ ଏକ ନଗରପାଳିକା ଭାବେ ବିବେଚନା କରାଯାଇନାହିଁ, ଏବଂ ଓସିଏଲ କେବଳ ଏହାର ଅଞ୍ଚଳରେ ପୌରପାଳିକା ସେବା ପ୍ରଦାନ କରୁଥିବାରୁ ଓସିଏଲ ଏକ ନଗରପାଳିକା ବୋଲି କୁହାଯାଇପାରିବ ନାହିଁ । ନ୍ୟାୟାଳୟ ନୋଏଡ଼ା (ଉପରୋକ୍ତ) ରେ ଉଲ୍ଲେଖ କରିଥିଲେ ଯେ:

> *"୩୧. .... ପୌରପାଳିକା ଗଠନରୁ ମୁକ୍ତ ହେବାର ଅର୍ଥ ନୁହେଁ ଶିଳ୍ପ ପ୍ରତିଷ୍ଠାନ ଯାହା ଏକ ଶିଳ୍ପ ସହରାଞ୍ଚଳକୁ ପୌରପାଳିକା ସେବା ପ୍ରଦାନ କରୁଛି, ତାହା ଧାରା ୨୪୩ ତ ର ବ୍ୟାଖ୍ୟା ଅନୁଯାୟୀ ପୌରପାଳିକା ସହ ସମାନ.....*

ଶ୍ରୀମାନ ଓକିଲ ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ଏହାକୁ ଧ୍ୟାନରେ ରଖି ଅକ୍ଟରୋଇ ଦେୟ ରୁ ଓସିଏଲ କୁ ରିହାତି ଦିଆଯାଇଥିଲା ଯେ ଏହା ଦ୍ୱାରା ଜମା କରାଯାଇଥିବା ୨ କୋଟି ଟଙ୍କାର ଅର୍ଥରାଶି ଅକଟ୍ରୋଇର କ୍ଷୟକ୍ଷତିକୁ ଭରଣା କରିବା ପାଇଁ ଯଥେଷ୍ଟ ହେବ ଏବଂ ଏହା ଯେ ଭବିଷ୍ୟତରେ ସମ୍ଭାବ୍ୟ ରାଜସ୍ୱ କ୍ଷତି ପାଇଁ ମଧ୍ୟ ପୌରପାଳିକାକୁ କ୍ଷତି ଭରଣା କରାଯାଇଥିଲା ।

୧୪. ବିଦ୍ୱାନ ବରିଷ୍ଠ ଓକିଲ ଶ୍ରୀ ବାଗରିଆ, *ଡାଇମଣ୍ଡ ସୁଗାର ମିଲସ୍ (ଉପରୋକ୍ତ)* ଉପରେ ନିର୍ଭର କରି ଅନୁରୋଧ କରନ୍ତି ଯେ ତାଲିକା-୨ର ପ୍ରବେଶ ୫୨ ର ଅର୍ଥ ଅଧୀନରେ ଏସ୍ ଏ ଆଇ ଏଲ୍ ର ଶିଳ୍ପ କ୍ଷେତ୍ର ଏକ 'ସ୍ଥାନୀୟ କ୍ଷେତ୍ର' ନୁହେଁ ବୋଲି ଘୋଷଣା କରିବାକୁ ସେହି ନିଷ୍ପତ୍ତିରେ "ସ୍ଥାନୀୟ କ୍ଷେତ୍ର" ଶବ୍ଦର ଅର୍ଥକୁ ଯେପରି ବ୍ୟାଖ୍ୟା କରାଯାଇଛି ତାହାକୁ ବର୍ତ୍ତମାନ ମାମଲାରେ ପ୍ରୟୋଗ କରିବା ଆବଶ୍ୟକ । ପୁନଶ୍ଚ ଏହି ଯୁକ୍ତି ରଖାଯାଇଥିଲା ଯେ କେବଳ ଏସ୍ ଏ ଆଇ ଏଲ୍ ଏହାର ଶିଳ୍ପ ସହରାଞ୍ଚଳ ମଧ୍ୟରେ ପୌରପାଳିକା ସେବା ପ୍ରଦାନ କରୁଥିବା କାରଣ ହେତୁ ଏହାର କ୍ଷେତ୍ର କୁ ଏକ 'ପୌରପାଳିକା' କିମ୍ବା 'ସ୍ଥାନୀୟ ପ୍ରାଧିକରଣ' ବୋଲି ବିଦିତ କରେ ନାହିଁ । ଅଧିକନ୍ତୁ, ରାଜ୍ୟ ସରକାରଙ୍କ ଦ୍ୱାରା ଏସ ଏ ଆଇ ଏଲ କୁ ଏକ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବାକୁ ଅନୁଚ୍ଛେଦ ୨୪୩-ବ[13] ଅଧୀନରେ ପୌରପାଳିକାର କ୍ଷମତା,

---

[12] (୨୦୧୮) ୯ ଏସସିସି ୩୫୧

[13] ଅନୁଚ୍ଛେଦ ୨୪୩ ବ- ପୌରପାଳିକା ଗୁଡିକର କ୍ଷମତା ,ପ୍ରାଧିକରଣ ଏବଂ ଦାୟିତ୍ୱ ଇତ୍ୟାଦି ।
ଏହି ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଏକ ରାଜ୍ୟର ବିଧାନମଣ୍ଡଳ ଆଇନତଃ ନ୍ୟସ୍ତ କରିପାରେ-
(କ) ପୌରପାଳିକା ଗୁଡିକୁ ସ୍ୱାୟତ୍ତ ସରକାର ସଂସ୍ଥା ଭାବେ କାର୍ଯ୍ୟ କରିବାକୁ ସକ୍ଷମ କରିବାପାଇଁ ଆବଶ୍ୟକ ହେଉଥିବା ଏପରି କ୍ଷମତା ଏବଂ ପ୍ରାଧିକରଣ ଏବଂ ପୌରପାଳିକା ଗୁଡିକରେ କ୍ଷମତା ଏବଂ ଦାୟିତ୍ୱ ହସ୍ତାନ୍ତରୀକରଣ ପାଇଁ ଆଇନ ଏପରି ବ୍ୟବସ୍ଥା ଧାରଣ କରିପାରେ, ସେଥିରେ ନିର୍ଦ୍ଦିଷ୍ଟ ହୋଇଥିବା ଏପରି ସର୍ତ୍ତ ଅନୁଯାୟୀ ଏହି ସମ୍ବନ୍ଧରେ-
୧. ଅର୍ଥନୈତିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ:
୨. ଦ୍ୱାଦଶ ପରିଚ୍ଛେଦରେ ଉଲ୍ଲିଖିତ ବିଷୟ ସହିତ କାର୍ଯ୍ୟ ସମ୍ପାଦନ ଏବ ଯୋଜନାର କାର୍ଯ୍ୟକାରିତା ଯେପରି ନ୍ୟସ୍ତ ହୋଇଥାଏ ;
(ଖ)ସମିତି ଗୁଡିକ ଦ୍ୱାଦଶ ପରିଚ୍ଛେଦରେ ତାଲିକାଭୁକ୍ତ ବିଷୟ ଗୁଡିକ ସହିତ ସେମାନଙ୍କ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱ ଗୁଡିକ ନିର୍ବାହ କରିବା ପାଇଁ ସେମାନଙ୍କୁ ସକ୍ଷମ କରିବାକୁ ଆବଶ୍ୟକ ହେଉଥିବା କ୍ଷମତା ଏବଂ ଅଧିକାର ।

ପ୍ରାଧିକରଣ , ଏବଂ ଦାୟିତ୍ୱ ପ୍ରଦାନ କରିନାହାନ୍ତି ଏବଂ କୌଣସି ଟିକସ କିମ୍ବା ଶୁଳ୍କ କିମ୍ବା ଟୋଲ କିମ୍ବା ଦେୟ ଆଦାୟ ,ସଂଗ୍ରହ ଏବଂ ବିନିଯୋଗ କରିବାକୁ ଏସ ଏ ଆଇ ଏଲ କୁ ଅନୁମତି ଦିଆଯାଇନାହିଁ । ଅନୁଚ୍ଛେଦ ୨୪୩-ଥ ର ସର୍ତ୍ତାବଳୀ ଅନୁସାରେ ଶିଳ୍ପ ପ୍ରତିଷ୍ଠାନକୁ ମଧ୍ୟ ବାଦ ଦିଆଯାଇଥିଲା । ଏହା ମଧ୍ୟ ଅନୁଚ୍ଛେଦ ୨୪୩ –ଥ ର ସର୍ତ୍ତକୁ ଦୃଷ୍ଟିରେ ରଖି କୁହାଯାଇଥିଲା ଯେ ପ୍ରତ୍ୟେକ ରାଜ୍ୟରେ ପରିବର୍ତ୍ତନଶୀଳ କ୍ଷେତ୍ର (ଗ୍ରାମାଞ୍ଚଳରୁ ସହରାଞ୍ଚଳ କ୍ଷେତ୍ର ପର୍ଯ୍ୟନ୍ତ କ୍ଷେତ୍ର ଗୁଡିକର ପରିବର୍ତ୍ତନ) ପାଇଁ ଏକ ନଗର ପଞ୍ଚାୟତ ଗଠନ କରାଯିବ; ଏକ ଛୋଟ ସହରାଞ୍ଚଳ ପାଇଁ ଏକ ପୌରପାଳିକା ପରିଷଦ ଏବଂ ଏକ ବୃହତ ସହରାଞ୍ଚଳ ପାଇଁ ଏକ ପୌରପାଳିକା ନିଗମ ଗଠନ କରିବାକୁ ପଡିବ । ତେବେ ଅନୁଚ୍ଛେଦ ୨୪୩ –ଥ ର ସର୍ତ୍ତାବଳୀ ଘୋଷଣା କରାଯାଇଥିବା ଶିଳ୍ପ କ୍ଷେତ୍ର ସମ୍ବନ୍ଧରେ ଏହି ଆବଶ୍ୟକତାକୁ ଛାଡ଼ କରିଥାଏ :

> *"ପରନ୍ତୁ ଏହି ଅନୁବିଧି ଅଧୀନରେ କୌଣସି ନଗରପାଳିକା ଏପରି ସହରାଞ୍ଚଳ ବା ତହିଁର କୌଣସି ଭାଗରେ ଗଠିତ ହୋଇପାରିବ ନାହିଁ ଯାହାକି ରାଜ୍ୟପାଳ ସେହି କ୍ଷେତ୍ରର ଆକାର ଏବଂ ସେହି କ୍ଷେତ୍ରର କୌଣସି ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ବା କରାଯିବାକୁ ପ୍ରସ୍ତାବିତ କରାଯାଉଥିବା ପୌର ସେବା ଏବଂ ସେ ଯେପରି ଉଚିତ ବିବେଚନା କରିବେ ସେପରି ଅନ୍ୟ ବିଷୟକୁ ଧ୍ୟାନରେ ରଖି ସାର୍ବଜନିକ ଅଧିସୂଚନା ଦ୍ୱାରା ଶିଳ୍ପ ସହରାଞ୍ଚଳ ରୂପେ ବିନିର୍ଦ୍ଦିଷ୍ଟ କରିପାରିବେ।"*

୧୫. ଏହା ନିବେଦନ କରାଯାଇଥିଲା ଯେ ବର୍ତ୍ତମାନର ମାମଲାରେ ଉପରୋକ୍ତ ବ୍ୟବସ୍ଥା ଅନ୍ତର୍ଗତ ବିଜ୍ଞପ୍ତି ଜାରି କରାଯାଇଥିଲା, ଯାହାର ଅର୍ଥ ଥିଲା ଯେ ଶିଳ୍ପ ସହରାଞ୍ଚଳ ମଧ୍ୟରେ ଆସୁଥିବା ଅଞ୍ଚଳ, ସ୍ଥାନୀୟ ଅଞ୍ଚଳ କିମ୍ବା ପୌରପାଳିକାର ଅଂଶ ନଥିଲା । *ଡାଇମଣ୍ଡ ସୁଗାର ମିଲସ୍ (ଉପରୋକ୍ତ)* ଉପରେ ବ୍ୟାପକ ଭାବେ ନିର୍ଭରଶୀଳ ହୋଇ, ଏହା ଯୁକ୍ତି କରାଯାଇଥିଲା ଯେ "ସ୍ଥାନୀୟ କ୍ଷେତ୍ର" ର ସଂଜ୍ଞା "ଏକ ପୌର ଜିଲ୍ଲା ବୋର୍ଡ, ଏକ ସ୍ଥାନୀୟ ବୋର୍ଡ, ଏକ ସଂଘ ବୋର୍ଡ, ଏକ ପଞ୍ଚାୟତ କିମ୍ବା ଅନୁରୂପ ଏକ ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା କ୍ଷେତ୍ର ହେବ ବୋଲି ସେହି ନିଷ୍ପତ୍ତିରେ ସାମ୍ବିଧାନିକ ବିଚାରପୀଠ ନିର୍ଣ୍ଣାୟକ ଭାବେ ଘୋଷଣା କରିଥିଲେ । ତେଣୁ କାରଖାନା ପରିସରଟି 'ସ୍ଥାନୀୟ ଅଞ୍ଚଳ' ନୁହେଁ" । ରାଜ୍ୟ ଅଧିନିୟମର ଧାରା ୪ (୧ ) (ଅର୍ଥାତ୍, ଓଡ଼ିଶା ପୌରପାଳିକା ଅଧିନିୟମ, ୧୯୫୦) ର ସର୍ତ୍ତାବଳୀ ଦ୍ୱାରା ଏହାର ପରିଚାଳନାରୁ ଶିଳ୍ପ ପ୍ରତିଷ୍ଠାନକୁ ବାଦ ଦିଆଯାଇଥିବାରୁ, *ଡାଇମଣ୍ଡ ସୁଗାର ମିଲସ୍ (ଉପରୋକ୍ତ)* ରେ ଘୋଷିତ ଅଧିନିୟମ ରାଜ୍ୟକୁ ବାଧ୍ୟ କରିଥାଏ, ଯାହାଦ୍ୱାରା ରାଜ୍ୟ ସ୍ଥାନୀୟ କ୍ଷେତ୍ର ଭାବେ ଶିଳ୍ପ ପ୍ରତିଷ୍ଠାନକୁ ସାମିଲ କରିପାରିବେନାହିଁ ।

୧୬. ଶ୍ରୀ ବାଗରିଆଙ୍କ ଦ୍ୱାରା ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ ଶିଳ୍ପ ସହରାଞ୍ଚଳ କ୍ଷେତ୍ରକୁ ଓଡ଼ିଶା ଅଧିନିୟମର ଧାରା ୨ (ଚ) ରେ ସ୍ଥାନୀୟ ଅଞ୍ଚଳର ପରିଭାଷାରେ ସାମିଲ କରିବା ଦ୍ୱାରା ରାଜ୍ୟ ବିଧାନମଣ୍ଡଳ ତାଲିକା-୨ ର ପ୍ରବେଶ

୫୨ ସହିତ ପଢାଯାଇଥିବା ଅନୁଚ୍ଛେଦ ୨୪୬[14] ଅନୁଯାୟୀ ଏହାର ଆଇନ ପ୍ରଣୟନ ଦକ୍ଷତା ଅତିକ୍ରମ କରିଛି କାରଣ ସପ୍ତମ ଅନୁସୂଚୀରେ କୌଣସି ପ୍ରବେଶ ନାହିଁ ଯାହା ଅଧୀନରେ ଆକ୍ଷେପିତ ନିୟମ ପ୍ରଣୟନ କରାଯାଇପାରେ । *ଆଇଟିସି ଲିମିଟେଡ ବନାମ କୃଷି ଉତ୍ପାଦ ବଜାର ସମିତି*[15] ଉପରେ ନିର୍ଭର କରି ଓକିଲ ଯୁକ୍ତି ବାଢିଥିଲେ ଯେ ସଂସଦୀୟ ଅଧିନିୟମ ଆଧାରରେ ସାମ୍ବିଧାନିକ ଶୁଳ୍କ କ୍ଷମତା ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ । ସେ କ୍ଷେତ୍ରରେ ସଂସଦ ସାମ୍ବିଧାନିକ ବ୍ୟବସ୍ଥାର ପରିଧି ଏବଂ ପରିସର ନିୟନ୍ତ୍ରଣ କରି ଆଇନ ପ୍ରଣୟନ ନତୁବା ଆଇନର ସଂଶୋଧନ କରିବାର ପରିଣାମ ଉତ୍ପନ୍ନ ହେବ ଯାହା ଗ୍ରହଣଯୋଗ୍ୟ ନୁହେଁ ।

୧୭. ବରିଷ୍ଠ ଓକିଲ ଉପସ୍ଥାପନା କରିଥିଲେ ଯେ ଅଧିକନ୍ତୁ ଶିଳ୍ପ କ୍ଷେତ୍ରରେ ପ୍ରବେଶ କରୁଥିବା ସାମଗ୍ରୀ ଉପରେ ପିଛିଲା ଭାବେ ଟିକସ ଲାଗୁ କରିବା ମନମୁଖୀ ଥିଲା କାରଣ ମୂଳ ପରିଭାଷା ସେହି ଅଞ୍ଚଳ କିମ୍ବା ସ୍ଥାନୀୟ ସୀମା ମଧ୍ୟରେ ପ୍ରବେଶ କରୁଥିବା ସାମଗ୍ରୀ ଉପରେ କୌଣସି ଶୁଳ୍କ ଲାଗୁ କରି ନଥିଲା ।

୧୮. ହିଣ୍ଡାଲ୍କୋ ତରଫ ରୁ ଉପସ୍ଥିତ ହୋଇଥିବା ବରିଷ୍ଠ ଅଧିବକ୍ତା ଓସିଏଲ ଏବଂ ଏସଏ ଆଇଏଲ ତରଫ ରୁ ପ୍ରଦତ୍ତ ଉପସ୍ଥାପନା ଗୁଡିକୁ ଗ୍ରହଣ କଲେ । ବରିଷ୍ଠ ଓକିଲ ଅତିରିକ୍ତ ଯୁକ୍ତି ବାଢିଥିଲେ ଯେ ୟୁପି ପ୍ରବେଶ ଶୁଳ୍କ ଅଧିନିୟମ ୨୦୦୭ କୁ, ଯେତିକି ପୁରୁଣାନୁକ୍ରମିକ କରାଯାଇଛି, ଉଚ୍ଛେଦ କରିଦେବା ଉଚିତ, ଯେହେତୁ ଏହା ଅନୁଚିତ ଏବଂ ମନମୁଖୀ ଅଟେ।

୨. ଉତ୍ତରଦାତାମାନଙ୍କର ଆପତ୍ତି

୧୯. ଓଡ଼ିଶା ସରକାରଙ୍କ ତରଫରୁ ବରିଷ୍ଠ ଅଧିବକ୍ତା ଶ୍ରୀ ରାକେଶ ଦ୍ୱିବେଦୀ କହିଥିଲେ ଯେ ଏହି ବିଜ୍ଞପ୍ତିରେ କେବଳ କାରଖାନା ପରିସର ନୁହେଁ, ବରଂ କାରଖାନା ପରିସର, ଆବାସିକ କଲୋନୀ, ସଡ଼କ, ବର୍ଯ୍ୟଜଳ ନିଷ୍କାସନ, ଅନେକ ସାଧାରଣ ସୁବିଧା, ଖେଳ ପଡ଼ିଆ, ଖୋଲା ସ୍ଥାନ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମଧ୍ୟ ସାମିଲ ରହିଛି, ଅତଏବ କେବଳ ଓସିଏଲର କାରଖାନା ପରିସର ଶିଳ୍ପ ସହରାଞ୍ଚଳ ଗଠନ କରିବା ଦାବି ଗ୍ରହଣୀୟ ନୁହେଁ ।

[14] ଧାରା ୨୪୬-ସଂସଦ ଏବଂ ରାଜ୍ୟ ବିଧାନ ମଣ୍ଡଳ ଦ୍ୱାରା ପ୍ରଣୀତ ଆଇନର ବିଷୟବସ୍ତୁ
(୧) ଅନୁବିଧି(୨) ଓ (୩) ରେ ଯାହା କିଛି ଥିବା ସତ୍ତ୍ୱେ ସପ୍ତମ ଅନୁସୂଚୀ ତାଲିକା-୧ରେ ପ୍ରଗଣିତ ବିଷୟମାନଙ୍କ ମଧ୍ୟରୁ ଯେକୌଣସି ବିଷୟ ଉପରେ ପୁଣିଥରେ ଅନୁଧ୍ୟାନ କରି ବିଧି ପ୍ରଣୟନ କରିବା ପାଇଁ ସଂସଦର ବିଶେଷ କ୍ଷମତା ଅଛି(ଏହି ସମ୍ବିଧାନରେ "କେନ୍ଦ୍ରୀୟ ତାଲିକା"ବୋଲି ଉଲ୍ଲିଖିତ ହୋଇଛି) ।
(୨) ଅନୁବିଧି (୩) ରେ ଯାହା କିଛି ଥିବା ସତ୍ତ୍ୱେ, ସଂସଦର ଏବଂ ଅନୁବିଧି (୧) ର ବଶବର୍ତ୍ତୀ ରହି, କୌଣସି ରାଜ୍ୟର ବିଧାନମଣ୍ଡଳର ମଧ୍ୟ ସପ୍ତମ ଅନୁସୂଚୀ ତାଲିକା ୩ରେ ପ୍ରଗଣିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି ବିଷୟ ସଂପର୍କରେ ବିଧି ପ୍ରଣୟନ କରିବାର କ୍ଷମତା ରହିବ(ଏହି ସମ୍ବିଧାନରେ "ମିଳିତ ତାଲିକା" ବୋଲି ଉଲ୍ଲିଖିତ ହୋଇଛି) ।
(୩) ଅନୁବିଧି (୧) ଓ (୨) ର ବଶବର୍ତ୍ତୀ ରହି, କୌଣସି ରାଜ୍ୟର ବିଧାନମଣ୍ଡଳର ସପ୍ତମ ଅନୁସୂଚୀ ତାଲିକା-୨ରେ ପ୍ରଗଣିତ ବିଷୟମାନଙ୍କ ମଧ୍ୟରୁ ଯେ କୌଣସି ବିଷୟ ସଂପର୍କରେ ସେହି ରାଜ୍ୟ ବା ତାହାର କୌଣସି ଭାଗ ନିମିତ୍ତ ବିଧି ପ୍ରଣୟନ କରିବାର କ୍ଷମତା ରହିବ(ଏହି ସମ୍ବିଧାନରେ "ରାଜ୍ୟ ତାଲିକା" ବୋଲି ଉଲ୍ଲିଖିତ ହୋଇଛି) ।
(୪) ରାଜ୍ୟ ତାଲିକା ପ୍ରଗଣିତ ବିଷୟ ଥିବା ସତ୍ତ୍ୱେ ଭାରତର ରାଜ୍ୟକ୍ଷେତ୍ରର ଯେ କୌଣସି ଭାଗ ପାଇଁ କୌଣସି ବିଷୟ ସଂପର୍କରେ ବିଧି ପ୍ରଣୟନ କରିବାର କ୍ଷମତା ସଂସଦର ଅଛି ୨(ଏକ ରାଜ୍ୟରେ)ରେ ଅନ୍ତର୍ଭୁକ୍ତ ନଥାଇ ।
[15] (୨୦୦୨) ୯ ଏସସିସି ୨୩୨

୨୦. ଆକ୍ଷେପିତ ବିଜ୍ଞପ୍ତିର ବିଷୟବସ୍ତୁ ଉପରେ ଆସ୍ଥା ରଖି ନିବେଦନ କରାଗଲା ଯେ ଶିଳ୍ପ ସହରାଞ୍ଚଳ ଜନସାଧାରଣଙ୍କ ବ୍ୟବହାର ପାଇଁ ଉନ୍ମୁକ୍ତ ଏବଂ ଦେଶର ଅନ୍ୟ ଶିଳ୍ପ ସହରାଞ୍ଚଳ ଭଳି ଶିଳ୍ପ ସହରାଞ୍ଚଳ ମଧ୍ୟ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ବୋଲି ପ୍ରତିଷ୍ଠିତ କରିବା ପାଇଁ ଜଳ ନିଷ୍କାସନ ଏବଂ ବର୍ଜ୍ୟଜଳ ନିଷ୍କାସନ ସୁବିଧା ସମେତ ଉପଲବ୍ଧ ଅନେକ ସୁବିଧା ଉପଯୋଗ କରିବାର ଅଧିକାର ସମ୍ପୃକ୍ତ ରାଜନଗର ପୌରପାଳିକାର ରହିଛି ।

୨୧. ପୁନଶ୍ଚ, ଏହା ମଧ୍ୟ ନିବେଦନ କରାଯାଇଥିଲା ଯେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସହମତି ହୋଇଥିଲା ଯେ ଓସିଏଲ ୩୧ ମାର୍ଚ୍ଚ ୧୯୯୯ ସୁଦ୍ଧା ରାଜସ୍ୱ ହାନି ପାଇଁ କ୍ଷତିପୂରଣ ଭାବେ ୪ କିସ୍ତିରେ ୨ କୋଟି ଟଙ୍କା ପ୍ରଦାନ କରିବ, ଯାହା ଅନ୍ୟଥା ଓସିଏଲକୁ ଔଦ୍ୟୋଗିକ ସହରାଞ୍ଚଳ ଘୋଷଣା କରାଯିବା କାରଣରୁ ପୌରପାଳିକାକୁ ମିଳିଥାନ୍ତା । ଏହା କୁହାଯାଇପାରିବ ନାହିଁ ଯେ ଶିଳ୍ପ ସହରାଞ୍ଚଳ ଘୋଷଣା ପରେ ଓସିଏଲ ଦ୍ୱାରା ଅକ୍ଟରୋଇ ଦେୟ ଦିଆଯାଇନଥିଲା, କିନ୍ତୁ ଉଲ୍ଲିଖିତ ପରିମାଣ କେବଳ ଅକ୍ଟରୋଇ ରାଜସ୍ୱ କାରଣରୁ ହେଉଥିବା କ୍ଷତି ପାଇଁ କ୍ଷତିପୂରଣ ଥିଲା । ଅଧିକନ୍ତୁ, ଓସିଏଲ ଏବଂ ଅନ୍ୟାନ୍ୟ ଶିଳ୍ପ ସହରାଞ୍ଚଳ ଗୁଡିକ ଅକ୍ଟରୋଇ ଦେୟ ଜମା କରିନଥିଲେ, ତଥାପି ତାହା ପଇଠ କରିବା ପାଇଁ ସେମାନେ ଦାୟୀ ।

୨୨. ପରବର୍ତ୍ତୀ ନିବେଦନରେ ଏହା ଉପସ୍ଥାପନ କରାଗଲା ଯେ *ଡାଇମଣ୍ଡ ସୁଗାର ମିଲ୍ସ (ଉପରୋକ୍ତ)* ମାମଲାର ରାୟ ଏ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ, କାରଣ ଉକ୍ତ ମାମଲାରେ ଅଦାଲତ "ସ୍ଥାନୀୟ କ୍ଷେତ୍ର" ଅଭିବ୍ୟକ୍ତିର ଅର୍ଥ କେବଳ ସେହି କ୍ଷେତ୍ର ମଧ୍ୟରେ ସୀମିତ ରଖିଥିଲେ ଯେଉଁଠାରେ ଅକ୍ଟରୋଇ ଲାଗୁ ହେଉଥିଲା ଏବଂ ଯାହା ଏକ ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିଲା । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ *ଡାଇମଣ୍ଡ ସୁଗାର ମିଲ୍ସ (ଉପରୋକ୍ତ)* ରେ ଏହି ନ୍ୟାୟାଳୟ ବର୍ତ୍ତମାନର ୧୯୫୦ ଅଧିନିୟମ ଅନୁଯାୟୀ ସମଗ୍ର ରାଜ୍ୟକୁ ଏକ ସ୍ଥାନୀୟ କ୍ଷେତ୍ର ଭାବେ ଘୋଷଣା କରାଯାଇପାରିବ କି ନାହିଁ ପ୍ରଶ୍ନ ଉପରେ ବିଚାର କରି ନଥିଲେ । ଅଧିକନ୍ତୁ, ଏକ ଶିଳ୍ପ ସମ୍ବନ୍ଧୀୟ ଭୂସମ୍ପତ୍ତି କିମ୍ବା କ୍ଷେତ୍ରର ବର୍ଜନ ଏହାକୁ ପ୍ରବେଶ କରରୁ ପରିମୁକ୍ତ କରେନାହିଁ,ଏବଂ ଏହା ଏକ ସ୍ଥାନୀୟ କ୍ଷେତ୍ର ବୋଲି ବିବେଚନା କରିବାରେ କୌଣସି ବିବାଦ ହୋଇପାରିବ ନାହିଁ ।

୨୩. ୟୁପି ସରକାରଙ୍କ ଓକିଲ ମଧ୍ୟ କହିଥିଲେ ଯେ ସମଗ୍ର ରାଜ୍ୟ ସ୍ଥାନୀୟ ଅଞ୍ଚଳର ସମ୍ମିଶ୍ରଣ ଏବଂ ତେଣୁ ସମସ୍ତ ବ୍ୟବହାରିକ ଉଦ୍ଦେଶ୍ୟ ପାଇଁ 'ସ୍ଥାନୀୟ ଅଞ୍ଚଳ' ଏବଂ 'ରାଜ୍ୟ' ମଧ୍ୟରେ ପାର୍ଥକ୍ୟ ଅନ୍ତର୍ଦ୍ଧାନ ହୋଇଯାଇଛି । ଏହା ମଧ୍ୟ କୁହାଯାଇଥିଲା ଯେ ପ୍ରବେଶ ଟିକସ ରାଜ୍ୟ ଦ୍ୱାରା ଆଦାୟ କରାଯାଇଥାଏ ଏବଂ 'ସ୍ଥାନୀୟ କର୍ତ୍ତୃପକ୍ଷ' ଦ୍ୱାରା ନୁହେଁ ଏବଂ

ଏହି ଟିକସ କେବଳ ସହରାଞ୍ଚଳ ସ୍ଥାନୀୟ ଅଞ୍ଚଳ ମଧ୍ୟରେ ସୀମିତ ନଥିଲା ବରଂ ରାଜ୍ୟ ଭିତରେ ଥିବା ପ୍ରତ୍ୟେକ ସ୍ଥାନୀୟ ଅଞ୍ଚଳ ଲାଗି ପ୍ରଯୁଜ୍ୟ ।

୨୪. ଏହା ମଧ୍ୟ କୁହାଯାଇଥିଲା ଯେ ଲାଗୁ କରାଯାଇଥିବା ଶୁଳ୍କ ସ୍ୱଭାବରେ କ୍ଷତିପୂରକ ଅଟେ ଏବଂ ଏହାକୁ ସମ୍ବିଧାନର ଧାରା ୩୦୧[16] କୁ ଉଲ୍ଲଂଘନ ବୋଲି ବିବେଚନା କରାଯାଇପାରିବ ନାହିଁ । ଏକ ରାଜ୍ୟ ମଧ୍ୟରେ ସ୍ଥାନୀୟ ଅଞ୍ଚଳଗୁଡ଼ିକୁ ବିଚ୍ଛିନ୍ନ ଅଞ୍ଚଳ ଭାବେ ବିବେଚନା କରାଯାଇପାରିବ ନାହିଁ ଏବଂ ରାଜ୍ୟ ଦ୍ୱାରା ଉପଲବ୍ଧ କରାଯାଉଥିବା ସୁବିଧା ସ୍ଥାନୀୟ ଅଞ୍ଚଳକୁ ମିଳିଥାଏ ଏବଂ ଏହା ଆନ୍ତଃରାଜ୍ୟ ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥାଏ । ସ୍ଥାନୀୟ କ୍ଷେତ୍ରର ସ୍ୱାର୍ଥ ହେଉଛି ରାଜ୍ୟର ସ୍ୱାର୍ଥ ଏବଂ ରାଜ୍ୟ ସ୍ଥାନୀୟ କ୍ଷେତ୍ରର ସ୍ୱାର୍ଥକୁ ଅଣଦେଖା କରିପାରିବ ନାହିଁ ।ଏହା ମଧ୍ୟ ପ୍ରମାଣିତ କରିବାର ଆବଶ୍ୟକତା ନାହିଁ ଯେ ଆଦାୟ ରୁ ସଂଗ୍ରହ କରାଯାଉଥିବା ପ୍ରତ୍ୟେକ ରାଶିକୁ ବ୍ୟବସାୟିକ ସୁବିଧା ଉପରେ ଖର୍ଚ୍ଚ କରାଯିବା ଆବଶ୍ୟକ ଏବଂ ପ୍ରଦାନ କରାଯାଉଥିବା ବ୍ୟବସାୟିକ ସୁବିଧା ଏବଂ ଲଗାଯାଉଥିବା ଟିକସ ମଧ୍ୟରେ କିଛି ସଂଯୋଗ ପ୍ରତିଷ୍ଠା କରାଯିବା ଆବଶ୍ୟକ । ଓସିଏଲ ଶିଳ୍ପ ସହରାଞ୍ଚଳ ସୀମା ମଧ୍ୟରେ ପୌର ସେବା ଉପଲବ୍ଧ କରାଇବା ପାଇଁ କ୍ଷତିପୂରଣ ପ୍ରଦାନ କରିଥାଏ ଯାହାକି ଅନ୍ୟ ଟିକସ ରିହାତି ଆକାରରେ ଭିନ୍ନ ଲାଭ ପାଉଥିବାରୁ ଏହାକୁ ପ୍ରାସଙ୍ଗିକ ବୋଲି ବିବେଚନା କରାଯାଇପାରିବ ନାହିଁ ।

୨୫. ଏହା ମଧ୍ୟ କୁହାଯାଇଥିଲା ଯେ ସମ୍ବିଧାନର ଧାରା ୨୪୩-ଥ କୁ *ଡାଇମଣ୍ଡ ସୁଗାର ମିଲ୍ସର (ଉପରୋକ୍ତ)* ରାୟର ବହୁତ ସମୟ ପରେ ଯୋଡ଼ା ଯାଇଥିଲା । ଏହି ବ୍ୟବସ୍ଥା ପଛରେ ଥିବା ଚିନ୍ତାଧାରା ଏକ ସାମ୍ପ୍ରତିକ ଘଟଣା ଏବଂ ସମ୍ବିଧାନ ଆସିବା ପୂର୍ବରୁ ଭାରତର କୌଣସି ପୂର୍ବ ଇତିହାସରେ ସନ୍ଧାନ ମିଳିନାହିଁ । ବୃହତ ଶିଳ୍ପସଂସ୍ଥାଗୁଡ଼ିକର ଉଦ୍ଭବ କାରଣରୁ ଏହି ଧାରଣା ବିକଶିତ ହୋଇଥିଲା ଯେଉଁଠାରେ କର୍ମଚାରୀମାନେ ମଧ୍ୟ ସ୍ଥାନ ଅଧିକାର କରିଥିଲେ ଯାହା ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ପୌର ସେବା ଥିବା ଆଧୁନିକ ସହରାଞ୍ଚଳ ସହିତ ସମାନ ।

୨୬. ନୋଏଡା(ଉପରୋକ୍ତ) ଠାରୁ ବର୍ତ୍ତମାନର ମାମଲାକୁ ଅଲଗା କରିବା ପାଇଁ ଇଚ୍ଛା ପ୍ରକାଶ କରି ଅଧିବକ୍ତା ଯୁକ୍ତି ବାଢିଥିଲେ ଯେ ନୋଏଡ଼ା ମାମଲାରେ ନ୍ୟାୟାଳୟ କହିଥିଲେ ଯେ ଅନୁଚ୍ଛେଦ ୨୪୩(ତ)(ଙ)[17] ଅନୁଯାୟୀ ଏକ ପୌରପାଳିକା ସହିତ ଏକ ଶିଳ୍ପ ସହରାଞ୍ଚଳକୁ ତୁଳନା କରାଯାଇ ପାରିବନାହିଁ ଯେହେତୁ ଶିଳ୍ପ ସହରାଞ୍ଚଳ ପୌର ପାଳିକାର ଗଠନ ନହୋଇଥିବା କାରଣରୁ ନିର୍ଦ୍ଦିଷ୍ଟ ହୋଇଛି । ତଥାପି ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ନିଷ୍ପତ୍ତି

---

[16] ଧାରା ୩୦୧-ବ୍ୟବସାୟ, ବାଣିଜ୍ୟ ଏବଂ ସମାଗମ କରିବାର ସ୍ୱାଧୀନତା : ଏହି ଭାଗରେ ଥିବା ଅନ୍ୟ ବ୍ୟବସ୍ଥା ଅନୁଯାୟୀ ଭାରତର ସମସ୍ତ ରାଜ୍ୟ କ୍ଷେତ୍ରରେ ବ୍ୟବସାୟ ,ବାଣିଜ୍ୟ ଏବଂ ସମାଗମ ମୁକ୍ତ ରହିବ ।

[17] ଅନୁଚ୍ଛେଦ ୨୪୩ ତ –ସଂଜ୍ଞା

.. (ଙ) 'ପୌରପାଳିକା' ର ଅର୍ଥ ଅନୁଚ୍ଛେଦ ୨୪୩ ଥ ଅନ୍ତର୍ଗତ ଗଠିତ ସ୍ୱାୟତ୍ତ ଶାସନ ସଂସ୍ଥା ;

ନେଇ ନଥିଲେ ଯେ, ୟୁପିଆଇଏଡି ଅଧିନିୟମର ବ୍ୟବସ୍ଥା ସହିତ ପଢାଯାଇଥିବା ଅନୁଚ୍ଛେଦ ୨୪୩-ଥ ର ବ୍ୟବସ୍ଥା ଅନୁଯାୟୀ ଗଠିତ କୌଣସି ଶିଳ୍ପ ସହରାଞ୍ଚଳ ଏକ ପ୍ରଶାସନିକ ଏକକ ଯାହା ଶିଳ୍ପ ସହରାଞ୍ଚଳ କ୍ଷେତ୍ରରେ ପୌର ଅଧିନିୟମ ଦ୍ୱାରା ପରିକଳ୍ପିତ ସମସ୍ତ ପୌର ସେବା ପ୍ରଦାନ କରିବା ଲାଗି ବାଧ୍ୟ କି ଏବଂ ସେଥିପାଇଁ ଏହାର କ୍ଷେତ୍ର ସ୍ଥାନୀୟ କ୍ଷେତ୍ର ହେବ କି ।

୨୭. ଉତ୍ତରଦାତାଙ୍କ ପାଇଁ ଉପସ୍ଥିତ ରହି ବରିଷ୍ଠ ଅଧିବକ୍ତା ଏହି ମାମଲାକୁ *ଡାଇମଣ୍ଡ ସୁଗାର ମିଲ୍ସ (ଉପରୋକ୍ତ)* ଠାରୁ ଅଲଗା କରିବା ପାଇଁ ଯୁକ୍ତି ବାଢିଥିଲେ ଯେ ପରବର୍ତ୍ତୀ ମାମଲାରେ ଗୋଟିଏ କାରଖାନା ପରିସର ସାମିଲ ଥିଲା, ଯେତେବେଳେ କି ଏହି ମାମଲାରେ ଏକ ଔଦ୍ୟୋଗିକ ସହରାଞ୍ଚଳ ସଂପୃକ୍ତି ଥିଲା ଯାହାକି ସମ୍ବିଧାନର ଧାରା ୨୪୩-ଥ (୧) ର ବ୍ୟବସ୍ଥା ଅନୁସାରେ ସାମ୍ବିଧାନିକ ଭାବେ ଅଧିନିୟମିତ ହୋଇଛି । ଏଠାରେ ଶିଳ୍ପ ସହରାଞ୍ଚଳ ଏକ ସାର୍ବଜନୀନ ଅଧିସୂଚନା ଜରିଆରେ ପୌର ସେବା ପ୍ରଦାନ କରିଥାଏ । ତେଣୁ ଶିଳ୍ପ ସହରାଞ୍ଚଳ ପୌର ସେବା ଭଳି ସେବା ପ୍ରଦାନ କରିଥାଏ ଏବଂ ଔଦ୍ୟୋଗିକ ସହରାଞ୍ଚଳ ମାଗଣାରେ ସେବା ପ୍ରଦାନ କରିଥିବା ହେତୁ ତାହା ସାମ୍ବିଧାନିକ ସ୍ଥିତି କୁ ପରିବର୍ତ୍ତନ କରିବ ନାହିଁ ।

୨୮. ଶେଷରେ ବରିଷ୍ଠ ଅଧିବକ୍ତା ଦ୍ୱାରା ଏହା ଉପସ୍ଥାପନ କରାଯାଇଥିଲା ଯେ ପ୍ରବେଶ ୫୨ ର ବ୍ୟାଖ୍ୟା ସମ୍ବିଧାନର ଭାଗ ୯-କ ଏବଂ ଅନୁଚ୍ଛେଦ ୨୪୩ ପରିପ୍ରେକ୍ଷୀରେ କରାଯିବା ଉଚିତ । ଶିଳ୍ପ କ୍ଷେତ୍ରର ବିନିର୍ଦ୍ଦିଷ୍ଟ କରିବା ପାଇଁ ପୌର ସେବା ପ୍ରଦାନ ଏକ ପୂର୍ବସର୍ତ୍ତ ଅଟେ ଏବଂ ଓସିଏଲ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଯଥା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ଯୋଜନା, ବୀମା ଉଦ୍ଦେଶ୍ୟ ଇତ୍ୟାଦି ପାଇଁ ପୂର୍ବ କିମ୍ବା ନିକଟବର୍ତ୍ତୀ ପୌରପାଳିକା ସହିତ ବାସ୍ତବ ସମ୍ପର୍କ ବଜାୟ ରଖିବାର ସମ୍ଭାବନା ରହିଛି । ପୁନଶ୍ଚ ଏହି ଯୁକ୍ତି ରଖାଯାଇଥିଲା ଯେ ଶିଳ୍ପ କ୍ଷେତ୍ର ରାଜ୍ୟଗୁଡିକର ଅଞ୍ଚଳରୁ ବାଦ ପଡି ନାହିଁ ଏବଂ ରାଜ୍ୟ ର ପ୍ରାଧିକରଣ ଏବଂ ବୈଧାନିକ କ୍ଷମତା ଅଧୀନରେ ରହିବ । ତେଣୁ ପ୍ରବେଶ ଟିକସ ଲାଗୁ କରିବା ଏବଂ ସଂଗ୍ରହ କରିବା ଲାଗି ସ୍ଥାନୀୟ କ୍ଷେତ୍ର ଭାବେ ଏହାକୁ ସାମିଲ କରିବା ଭାରତୀୟ ସମ୍ବିଧାନର କୌଣସି ବ୍ୟବସ୍ଥାକୁ ଉଲ୍ଲଂଘନ କରିବ ନାହିଁ ।

ଖ. ବିଶ୍ଳେଷଣ ଏବଂ ଫଳାଫଳ

୨୯. ବର୍ଣ୍ଣନା କରାଯାଇଥିବା ତଥ୍ୟ ଏବଂ ପକ୍ଷଙ୍କ ଯୁକ୍ତିରୁ ଏହା ସ୍ପଷ୍ଟ ଯେ ଏହି ଅପିଲରେ ନିର୍ଦ୍ଧାରଣ କରାଯିବାକୁ ଥିବା ସଂକୀର୍ଣ୍ଣ ପ୍ରସଙ୍ଗ ହେଉଛି ବୈଧାନିକ କ୍ଷମତା ପ୍ରୟୋଗ କରି ରାଜ୍ୟ ଆଇନ ଅଧୀନରେ ପୌର ପରିଷଦ କିମ୍ବା ପୌରପାଳିକା ଗୁଡ଼ିକର ସୀମାରୁ କୌଣସି ଶିଳ୍ପ କ୍ଷେତ୍ର କିମ୍ବା କ୍ଷେତ୍ରକୁ ବାଦ ଦିଆଯିବା କିମ୍ବା ଧାରା ୨୪୩ –ଥ ର ନିୟମ

ଅନ୍ତର୍ଗତ ଘୋଷଣା କାରଣରୁ, ସେହି କ୍ଷେତ୍ରକୁ ତାଲିକା ୨ ର ପ୍ରବେଶ ୫୨ ଅନ୍ତର୍ଗତ ଏକ "ସ୍ଥାନୀୟ କ୍ଷେତ୍ର" ଭାବେ ପରିଗଣିତ କରାଯିବା ବନ୍ଦ ହୋଇଯିବ ଏବଂ ଫଳସ୍ୱରୂପ ରାଜ୍ୟକୁ ସେହି କ୍ଷେତ୍ରରୁ ପ୍ରବେଶ ଟିକସ ଲାଗୁ କରିବା ଏବଂ ସଂଗ୍ରହ କରିବାରେ ନିବାରଣ କରାଯିବ କି ।

୩୦ . *ଡାଇମଣ୍ଡ ସୁଗାର ମିଲ୍ସ ଲିମିଟେଡ (ଉପରୋକ୍ତ)*ରେ ସାମ୍ବିଧାନିକ ବିଚାରପୀଠଙ୍କ ନିଷ୍ପତ୍ତି , ଯାହା ଉପରେ ଆବେଦନକାରୀମାନେ ଅଧିକ ଭରସା କରୁଥିଲେ, ରାଜ୍ୟ ପ୍ରଣୟନ ଦ୍ୱାରା ସୂଚିତ ପ୍ରାଧିକରଣ - ୟୁପି ସୁଗାରକେନ (ରାଜ୍ୟ ଏବଂ କ୍ରୟ ନିୟନ୍ତ୍ରଣ) ଅଧିନିୟମ ୧୯୫୩ ରେ ଧାରା ୨୦ ଏବଂ ୟୁପି ସୁଗାରକେନ ସେସ ଅଧିନିୟମ ୧୯୫୬ ରେ ଧାରା ୩ ପରିପ୍ରେକ୍ଷୀରେ ରାଜ୍ୟକୁ ପ୍ରବେଶ ଟିକସ ସଂଗ୍ରହ କରିବା ପାଇଁ "ଏକ କାରଖାନା ପରିସରକୁ" ପ୍ରଦାନ କରାଯାଇଥିଲା । ଉକ୍ତ ରାୟରେ ଆପତ୍ତି ଏହି କାରଣରୁ କରାଯାଇଥିଲା ଯେ ଶୁଳ୍କ ଆଦାୟ ଅବୈଧ ଥିଲା, କାରଣ ଏହା ରାଜ୍ୟର ଆଇନଗତ କ୍ଷମତା ବାହାରେ ଥିଲା - ତର୍କ ଥିଲା ଯେ କାରଖାନା ପରିସରକୁ "ସ୍ଥାନୀୟ କ୍ଷେତ୍ର" ଭାବେ ବର୍ଣ୍ଣନା କରାଯାଇପାରିବ ନାହିଁ ।ଏହି ନ୍ୟାୟାଳୟ ପ୍ରଥମେ ଏହି ଆଇନ ପ୍ରଣୟନର ଐତିହାସିକ ପ୍ରସଙ୍ଗକୁ ବିଚାରକୁ ନେଇ ପ୍ରବେଶ ୫୨ ର ବିଶ୍ଳେଷଣ କରିଥିଲେ (ଯେଉଁଥିପାଇଁ ଏହା ପୂର୍ବ ବିଧାନ ଯଥା ଭାରତ ସରକାରଙ୍କ ଅଧିନିୟମ ୧୯୩୫ ର ସପ୍ତମ ଅନୁସୂଚୀ ତାଲିକା-୨ ର ପ୍ରବେଶ ୪୯ କୁ ଚିହ୍ନଟ କରିଥିଲା) । ନ୍ୟାୟାଳୟ ଏହା ପୂର୍ବରୁ କହିଥିଲେ ଯେ ମୂଳତଃ 'ସ୍ଥାନୀୟ' ଶବ୍ଦ ଏକ ସ୍ଥାନ "ସମ୍ବନ୍ଧୀୟ" କିମ୍ବା "ସମ୍ପର୍କୀୟ" ଅଟେ ।

୩୧. ଏହାକୁ ଧ୍ୟାନରେ ରଖି ଏବଂ ରାଜନୈତିକ ଏକକ ଗୁଡ଼ିକ ଦ୍ୱାରା ପରୋକ୍ଷ କିମ୍ବା ବ୍ୟବହାରିକ ଟିକସ ଭାବେ ଅକ୍ଟ୍ରୋଇ ଆଦାୟ ଉଦ୍ଦେଶ୍ୟରେ "ସ୍ଥାନୀୟ କ୍ଷେତ୍ର" ସମ୍ବନ୍ଧୀୟ ବିଶ୍ୱକୋଷର ପ୍ରବେଶକୁ ବିବେଚନା କରିବା ପରେ, ଏହି ଅଦାଲତ ନିଷ୍ପତି ନେଇଥିଲେ ଯେ ଭାରତ ସରକାର ଅଧିନିୟମ ୧୯୧୯ ଅନୁଯାୟୀ ସ୍ଥାନୀୟ ପ୍ରଶାସନ ଦ୍ୱାରା ପରିଚାଳିତ କ୍ଷେତ୍ର ଅର୍ଥାତ୍ ସ୍ଥାନୀୟ ସରକାର କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ କ୍ଷେତ୍ରକୁ ସାମଗ୍ରୀ ଆମଦାନୀ ଉପରେ ଶୁଳ୍କ ଆଦାୟ କରାଯାଇପାରିବ । ଏହା ପରେ ଏହି ନ୍ୟାୟାଳୟ *ଡାଇମଣ୍ଡ ସୁଗାର ମିଲ୍ସରେ (ଉପରୋକ୍ତ)* ଏହି ରାୟ ପ୍ରଦାନ କରିଥିଲେ ଯେ:

> *୨୨. "ଆଇନର ପୂର୍ବ ଇତିହାସ ଜ୍ଞାନ ସହିତ ସମ୍ବିଧାନ ପ୍ରଣେତାମାନେଏହି ତାଲିକା ପ୍ରସ୍ତୁତ କରି ସପ୍ତମ ଅନୁସୂଚୀ ରେ କାର୍ଯ୍ୟ ନିର୍ଦ୍ଧାରଣ କରିଥିଲେ । ତେଣୁ ଏପରି ଶୀର୍ଷକ ସନ୍ଦେହ ସୃଷ୍ଟି କରିପାରେ ଯେ 'କୌଣସି ସ୍ଥାନୀୟ ଅଞ୍ଚଳରେ ଉପଭୋଗ, ବ୍ୟବହାର କିମ୍ବା ବିକ୍ରୟ ଲାଗି ବସ୍ତୁ ପ୍ରବେଶ ଉପରେ "ଟିକସ" ଶବ୍ଦକୁ ବ୍ୟବହାର କରି ସେମାନେ 'ସ୍ଥାନୀୟ ଅଞ୍ଚଳ' ଶବ୍ଦରେ ଅଭିବ୍ୟକ୍ତ କରିବାକୁ ଚାହୁଁଥିଲେ, ଯେଉଁଥିରେ କି ତଫସିଲ ଟିକସ ନିୟମ, ୧୯୨୦ ର ଆଇଟମ ୭ ଅନ୍ତର୍ଗତ ଅକ୍ଟ୍ରୋଇ ଲାଗୁ ହେଉଥିଲା-ଅର୍ଥାତ କୌଣସି ସ୍ଥାନୀୟ ପ୍ରାଧିକରଣ ଦ୍ୱାରା ପରିଚାଳିତ କ୍ଷେତ୍ର ଯେପରିକି ପୌରପାଳିକା, ଜିଲ୍ଲା ବୋର୍ଡ, ସ୍ଥାନୀୟ ବୋର୍ଡ କିମ୍ବା କେନ୍ଦ୍ରୀୟ ବୋର୍ଡ, 'ଗୋଟିଏ ପଞ୍ଚାୟତ' କିମ୍ବା ରାଜ୍ୟର କୌଣସି ଅଂଶର ସ୍ଥାନୀୟ ବ୍ୟାପାରର ପ୍ରଶାସନ ପାଇଁ ଆଇନ ଅଧୀନରେ ଗଠିତ କୌଣସି ବ୍ୟକ୍ତି । ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ହେଉଥିବା ରାଜ୍ୟର ସମ୍ପୂର୍ଣ୍ଣ ଅଞ୍ଚଳକୁ*

*'ସ୍ଥାନୀୟ ଅଞ୍ଚଳ'ରେ ସାମିଲ କରିବାର ଉଦ୍ଦେଶ୍ୟ ରହିଛି କି ନାହିଁ, ତାହା ବର୍ତ୍ତମାନର ମାମଲାରେ ଆମକୁ ବିଚାର କରିବାର ଆବଶ୍ୟକତା ନାହିଁ ।"*

୩୨. ବର୍ଣ୍ଣନା କରିଥିବା ପରବର୍ତ୍ତୀ ନିଷ୍ପତ୍ତି ହେଉଛି *ଶକ୍ତିକୁମାର ଏମ. ସଞ୍ଚେତି ଏବଂ ଅନ୍ୟମାନେ ବନାମ ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ*[18], ଯେଉଁଠାରେ ମହାରାଷ୍ଟ୍ର ଶୁଳ୍କ ଅନୁଯାୟୀ ସ୍ଥାନୀୟ ଯାନ ଅଧିନିୟମ ,୧୯୮୭ ରେ ମହାରାଷ୍ଟ୍ର ଶୁଳ୍କ ଆଦାୟ ନେଇ ଆପତ୍ତି ହୋଇଥିଲା । ଏହା ଯୁକ୍ତି କରାଯାଇଥିଲା ଯେ ମୋଟର ଯାନ କ୍ରୟ ମୂଲ୍ୟ ଉପରେ ଲାଗୁ ହୋଇଥିବା ଟିକସ ପ୍ରକୃତରେ ଏକ କ୍ରୟ ଟିକସ ଥିଲା ଏବଂ ଗୋଟିଏ ସ୍ଥାନୀୟ କ୍ଷେତ୍ର ନିଜର ଏକ ଅର୍ଥ ପ୍ରକାଶ କରିଥାଏ ଯାହାକି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ଵାରା ବୁଝାଯାଇଥାଏ କିମ୍ବା ପରିଚାଳିତ ହୋଇଥାଏ ଏବଂ ଗୋଟିଏ ରାଜ୍ୟରେ ଯାନବାହନର ପ୍ରବେଶ ଉପରେ ଟିକସ ସମ୍ପୂର୍ଣ୍ଣ ଭାବେ ଅବୈଧ ଥିଲା । ଏହି ଅଦାଲତ, *ଡାଇମଣ୍ଡ ସୁଗାର ମିଲସ୍ (ଉପରୋକ୍ତ)* ର ପୂର୍ବ ନିର୍ଣ୍ଣୟ ଧ୍ୟାନରେ ରଖି କହିଥିଲେ ଯେ ରାଜ୍ୟର ସମ୍ପୂର୍ଣ୍ଣ ଅଞ୍ଚଳ ସ୍ଥାନୀୟ ଅଞ୍ଚଳ କି ନାହିଁ ତାହା ଏହି ନିଷ୍ପତ୍ତିରେ ନିର୍ଦ୍ଧାରିତ ହୋଇନଥିଲା । ଏହାପରେ ନ୍ୟାୟାଳୟ ଦେଖିଲେ ଯେ "ସ୍ଥାନୀୟ କ୍ଷେତ୍ର" ସମ୍ବିଧାନର ଅନେକ ବ୍ୟବସ୍ଥା, ଯଥା ଧାରା ୩ (ଖ), ୧୨, ୨୪୫(୧), ୨୪୬,୨୭୭,୩୨୧,୩୨୩-କ ଏବଂ ୩୭୧-ଘ ରେ ବ୍ୟବହୃତ ହୋଇଛି । ଏହାପରେ ଅଦାଲତ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି କୁ ବଜାୟ ରଖିଲେ କି ରାଜ୍ୟର ଯେକୌଣସି ଇଲାକାର ସ୍ଥାନୀୟ ଅଞ୍ଚଳରେ ଏକ ଯାନର ପ୍ରବେଶ ଟିକସଯୋଗ୍ୟ ଘଟଣା ନୁହେଁ । *କର୍ଣ୍ଣାଟକ ରାଜ୍ୟ ବନାମ ହଂସା କର୍ପୋରେସନ*[୧୨] ମାମଲାର ପୂର୍ବ ପ୍ରଭାବ ବିଷୟରେ ମଧ୍ୟ ନ୍ୟାୟାଳୟ ଉଲ୍ଲେଖ କରିଥିଲେ ।

୩୩ . *ସାଇଜ ଗ୍ରାମ ପଞ୍ଚାୟତ ବନାମ ଗୁଜରାଟ ରାଜ୍ୟ ଓ ଅନ୍ୟମାନେ*[୨୦] ମାମଲାରେ ସମ୍ପୃକ୍ତ ପଞ୍ଚାୟତ କେତେକ ବିଜ୍ଞପ୍ତି ଏବଂ ରାଜ୍ୟ ସରକାରଙ୍କ ଏକ ସଂକଳ୍ପ ରଦ୍ଦ କରିବା ପାଇଁ ଅନୁରୋଧ କରିଥିଲା, ଯାହା ଅଧୀନରେ ଗୁଜରାଟ ଶିଳ୍ପ ବିକାଶ ଅଧିନିୟମ ୧୯୬୨ର ଧାରା ୧୬ ଅଧୀନରେ ଅଧିକାରର ପ୍ରୟୋଗ କରି କଲୋଲ ଶିଳ୍ପ କ୍ଷେତ୍ରକୁ ଗୁଜରାଟ ପୌରପାଳିକା ଅଧିନିୟମ ୧୯୬୩ ର ଧାରା ୨୬୪-କ ଅଧୀନରେ ଏକ ପୌର କ୍ଷେତ୍ର ଭାବେ ବିଜ୍ଞାପିତ କରାଯାଇଥିଲା । ଅନ୍ୟ ଏକ ଅଧିସୂଚନାରେ ଗୁଜରାଟ ପଞ୍ଚାୟତ ଅଧିନିୟମ ୧୯୬୧ ର ଧାରା ୯ (୨ ) ଅନୁଯାୟୀ ସେହି ଅଞ୍ଚଳକୁ ସାଇଜ ଗ୍ରାମ ପଞ୍ଚାୟତରୁ ବାଦ ଦେଇଥିଲା । ଏହି ଅଧିସୂଚନା ଏବଂ ସଂକଳ୍ପ ଭାରତୀୟ ସମ୍ବିଧାନର ଭାଗ ୯ ଏବଂ ୯ -କ ର ବିରୋଧୀ ବୋଲି ଯୁକ୍ତି ଦର୍ଶାଯାଇଥିଲା । ଏହି ଅଦାଲତ ଏହି ତର୍କକୁ ଖଣ୍ଡନ କରି କହିଥିଲେ ଯେ ଗୁଜରାଟ ଶିଳ୍ପ ବିକାଶ ଆଇନ, ୧୯୬୨ ସମ୍ବିଧାନର ଭାଗ ୯ ଏବଂ ୯-କ ସହିତ ଗୁଜରାଟ ପୌରପାଳିକା ଅଧିନିୟମ ୧୯୬୨ ଅନୁଯାୟୀ ଗୁଜରାଟ ପଞ୍ଚାୟତ ଅଧିନିୟମ ୧୯୬୧ ଠାରୁ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥାଏ । ପରବର୍ତ୍ତୀ

[18] (୧୯୯୪) ୧ ଏସସିସି ୩୫୧
[19] (୧୯୮୧) ୧ ଏସସିଆର ୮୨୩
[20] (୧୯୯୯) ୨ ଏସସିସି ୩୬୬

ଅଧିନିୟମରେ ସ୍ଥାନୀୟ ସ୍ୱୟଂ ଶାସନ ବ୍ୟବସ୍ଥା ଥିବା ବେଳେ ଗୁଜରାଟ ଶିଳ୍ପ ବିକାଶ ଅଧିନିୟମ, ୧୯୬୨ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଏବଂ ସଂଗଠନ ପାଇଁ କାର୍ଯ୍ୟକାରୀ ହୋଇଥାଏ ।ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଶିଳ୍ପ କ୍ଷେତ୍ରକୁ ବହୁ ପୂର୍ବରୁ ୧୯୭୨ ରେ ବିଜ୍ଞପ୍ତି ଜାରି କରାଯାଇଥିଲା ।

୩୪. ଏହି ଅଦାଲତ ଅନୁଚ୍ଛେଦ ୨୪୩–ଥ ର ଉଲ୍ଲଙ୍ଘନ ପ୍ରସଙ୍ଗରେ ହୋଇଥିବା ତର୍କକୁ ପ୍ରତିରୋଧ କରିଥିଲେ । ଏହା ଅନୁଧ୍ୟାନ କରିଲେ ଯେ ଅନୁଚ୍ଛେଦ ୨୪୩ –ଥ ରେ ତିନି ପ୍ରକାରର ପୌରପାଳିକା ଯଥା ନଗର ପଞ୍ଚାୟତ, ପୌର ପରିଷଦ ଏବଂ ପୌର ନିଗମ ଗଠନ ଦୃଷ୍ଟିଗୋଚର ହୁଏ । ଏଥିରେ ଉଲ୍ଲେଖ କରାଯାଇଛି ଯେ ସର୍ତ୍ତାବଳୀ ଆଧାରରେ ଏବଂ କ୍ଷେତ୍ରର ଆକାର, ଉଦ୍ୟୋଗ ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା କିମ୍ବା ପ୍ରସ୍ତାବିତ ପୌରପାଳିକା ସେବାର ପ୍ରକୃତି ଏବଂ ଅନ୍ୟ ପ୍ରାସଙ୍ଗିକ କାରଣକୁ ଧ୍ୟାନରେ ରଖି-ରାଜ୍ୟପାଳ ପୂର୍ବ ବିଜ୍ଞପ୍ତି ଜରିଆରେ ସେହି ଅଞ୍ଚଳକୁ ଏକ ଶିଳ୍ପ ସହରାଞ୍ଚଳ ଭାବେ ଉଲ୍ଲେଖ କରିପାରିବେ ।

୩୫. ତେଣୁ ଏହି ନିଷ୍ପତ୍ତି ନିଆଯାଇଥିଲା ଯେ କୌଣସି କ୍ଷେତ୍ରକୁ ଯଦି ଗୁଜୁରାଟ ଶିଳ୍ପ ବିକାଶ ଅଧିନିୟମ ୧୯୬୨ ର ବ୍ୟବସ୍ଥା ଅନ୍ତର୍ଗତ ଔଦ୍ୟୋଗିକ ସହରାଞ୍ଚଳର ଧାରା ୨୪୩-ଥ ସହ ସମାନ କରାଯାଏ, ତେବେ ସେହି ବ୍ୟବସ୍ଥାର କୌଣସି ଉଲଂଘନ ହେବ ନାହିଁ ।ଏହାପରେ ନ୍ୟାୟାଳୟ ଏହି ରାୟ ଦେଇଥିଲେ ଯେ -

> *୨୦. "ଧାରା ୧୬ ପଛରେ ଥିବା ଉଦ୍ଦେଶ୍ୟକୁ ସ୍ପଷ୍ଟ କରି ଉଚ୍ଚ ନ୍ୟାୟାଳୟ ଠିକ୍ ଭାବେ କହିଛନ୍ତି ଯେ ଗୁଜରାଟ ଶିଳ୍ପ ବିକାଶ ନିଗମକୁ ପ୍ରଦାନ କରାଯାଇଥିବା କ୍ଷମତା ଧ୍ୟାନରେ ରଖି, ଔଦ୍ୟୋଗିକ ସମ୍ପତ୍ତି ଏବଂ ଶିଳ୍ପ କ୍ଷେତ୍ରରେ ସୁବିଧା ଏବଂ ସେଥିପାଇଁ ସାଧାରଣ ସୁବିଧା ଯୋଗାଇ ଦିଆଯାଇଛି , ସେଠାରେ ଶିଳ୍ପ ପ୍ରତିଷ୍ଠା କରୁଥିବା ବ୍ୟକ୍ତିଙ୍କ ଠାରୁ କେତେକ ଶୁଳ୍କ ଆଦାୟ କରି, ଏକ ଶିଳ୍ପ କ୍ଷେତ୍ର ସାଧାରଣତଃ ନିଜସ୍ୱ ଭାବେ ଏକ ଆତ୍ମନିର୍ଭରଶୀଳ ସହରାଞ୍ଚଳ ହୋଇପାରିବ ଯାହାକି ନିଜର ସୁବିଧା ଏବଂ ଶୁଳ୍କ ଆଦାୟ କରି ପାରିବ । ଏପରି କ୍ଷେତ୍ର ଉପରେ ଅଧିକାର ଥିବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସମ୍ପୃକ୍ତ ଅଞ୍ଚଳରେ ନିଜର ବହୁତ କମ ବୈଧାନିକ କିମ୍ବା ଇଚ୍ଛାଧୀନ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ । ତଥାପି ଯେଉଁମାନେ ସେହି ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିଥାନ୍ତି, ଏହା ସେମାନଙ୍କଠାରୁ ଟିକସ ଆଦାୟ କରିପାରିବ । ଏହି ଦ୍ୱିବିଧ ନିୟନ୍ତ୍ରଣ ଏବଂ ପ୍ରଶାସନକୁ ଏଡ଼ାଇବା ପାଇଁ ଯାହା ଶିଳ୍ପର ଅଭିବୃଦ୍ଧି ଏବଂ ବିକାଶରେ ବାଧା ସୃଷ୍ଟି କରିପାରେ, ସମ୍ଭବତଃ ଧାରା ୧୬ ରେ ଏକ ଶିଳ୍ପ କ୍ଷେତ୍ରକୁ ଏକ ବିଜ୍ଞାପିତ କ୍ଷେତ୍ରରେ ପରିଣତ କରିବା ଏବଂ ଏହାକୁ ଏକ ପୃଥକ ପ୍ରଶାସନିକ ଏକକରେ ପରିଣତ କରିବା ଲାଗି ବ୍ୟବସ୍ଥା କରାଯାଇଛି । ଆମେ ପୂର୍ବରୁ ଉଲ୍ଲେଖ କରିଛୁ ଯେ ଏପରି ଏକ ପୃଥକ ପ୍ରଶାସନିକ ଏକକ ଗଠନ ସମ୍ବିଧାନର ଭାଗ ୯ ଏବଂ ୯-କ ଯୋଜନା ବିରୁଦ୍ଧରେ ନୁହେଁ, ଯେହେତୁ ଅନୁଚ୍ଛେଦ ୨୪୩-ଥ ରେ ଶିଳ୍ପ ସହରାଞ୍ଚଳ ଆକାର ପରି ଏକ ପୃଥକ ପ୍ରଶାସନିକ ଏକକ ଗଠନ କରିବାର ବ୍ୟବସ୍ଥା ରହିଛି । ପ୍ରତିବାଦୀମାନେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଧାରା୨୪୩ – ଢ କିମ୍ବା ୨୪୩ –ଯ ଚ କୌଣସି ଶିଳ୍ପ ବିକାଶ ଅଧିନିୟମକୁ ଅଗ୍ରାହ୍ୟ କରୁନାହିଁ" ।*

୩୬. *ଏମଜିଆର ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ ଓ ଅନ୍ୟମାନେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଓ ଅନ୍ୟମାନେ*[21] ଏବଂ ନୋଏଡା (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟକୁ ଅଧିନିୟମ ୨୪୩-ଥ ର ପ୍ରଯୁଜ୍ୟତା ଉପରେ ବିଚାର କରିବାର

[21] (୨୦୧୭) ୩ ଏସସିସି ୪୯୪

ସୁଯୋଗ ମିଳିଥିଲା । ଏମଜିଆର ଇଣ୍ଡଷ୍ଟ୍ରିଜ୍(ଉପରୋକ୍ତ) ରେ, ବିଶେଷ ଭାବରେ ୟୁ.ପି. ଶିଳ୍ପ କ୍ଷେତ୍ର ବିକାଶ ଅଧିନିୟମ ୧୯୭୬, ବିଶେଷ କରି ଧାରା ୧୨ -କ କୁ ମଧ୍ୟ ବିଚାରକୁ ଆଣିଥିଲେ ।ଏମଜିଆର ଇଣ୍ଡଷ୍ଟ୍ରିଜ୍ (ଉପରୋକ୍ତ) ରେ ତର୍କ ଦର୍ଶାଯାଇଥିଲା ଯେ ଆବେଦନକାରୀ ଔଦ୍ୟୋଗିକ କ୍ଷେତ୍ରର ଏକ ସଂଘ, ଯାହାକୁ ୟୁପି ଅଧିନିୟମ ଅଧୀନରେ ଔଦ୍ୟୋଗିକ କ୍ଷେତ୍ର ଭାବେ ଘୋଷଣା କରାଯାଇଥିଲା, କିନ୍ତୁ ସେ ସମ୍ବନ୍ଧରେ ଅନୁଚ୍ଛେଦ ୨୪୩-ଥ ଅଧୀନରେ କୌଣସି ଅଧିସୂଚନା ଜାରି କରାଯାଇନଥିଲା, ଯେଉଁଥିରେ ପଞ୍ଚାୟତ ଦ୍ୱାରା ଟିକସ ଲାଗୁ କରାଯିବା ଉପରେ ପ୍ରଶ୍ନ ଉଠାଯାଇଥିଲା । ଉତ୍ତର ପ୍ରଦେଶ ଶିଳ୍ପ କ୍ଷେତ୍ର ବିକାଶ ଅଧିନିୟମ ୧୯୭୬ ର ଧାରା ୧୨କ ଉପରେ ଅଦାଲତ ଧ୍ୟାନ ଦେଇଥିଲେ, ଯାହାକି ନିମ୍ନରେ ଉଲ୍ଲେଖ କରାଗଲା:

> *"୧୨-କ ଔଦ୍ୟୋଗିକ ସହରାଞ୍ଚଳ ପାଇଁ ପଞ୍ଚାୟତ ନା – କୌଣସି ଉତ୍ତରପ୍ରଦେଶ ଅଧିନିୟମ ବିପରୀତରେ କିଛି ଧାରଣ ହୋଇଥିବା ସତ୍ତ୍ୱେ ଯେଉଁଠାରେ ଏକ ଔଦ୍ୟୋଗିକ ବିକାଶ କ୍ଷେତ୍ର କିମ୍ବା ଏହାର କୌଣସି ଅଂଶ ସମ୍ବିଧାନର ଅନୁଚ୍ଛେଦ ୨୪୩ – ଥ ର ଅନୁବିଧି (୧) ର ସର୍ତ୍ତ ଅନୁଯାୟୀ ଏକ ଔଦ୍ୟୋଗିକ ସହରାଞ୍ଚଳ ବୋଲି ଉଲ୍ଲେଖ କରାଯାଇଛି, ଏପରି ଶିଳ୍ପ ବିକାଶ କ୍ଷେତ୍ର କିମ୍ବା ଏହାର କିଛି ଅଂଶ ଯଦି ଏକ ପଞ୍ଚାୟତ କ୍ଷେତ୍ରରେ ଅନ୍ତର୍ଭୁକ୍ତ ହୁଏ, ଉକ୍ତ ସର୍ତ୍ତ ଅନୁଯାୟୀ ପ୍ରଣୟନ ହୋଇଥିବା ଅଧିସୂଚନା ତାରିଖ ଠାରୁ ଏପରି ପଞ୍ଚାୟତ କ୍ଷେତ୍ରରୁ ବାଦ ପଡିଯିବ ଏବଂ ସଂଯୁକ୍ତ ପ୍ରଦେଶ ପଞ୍ଚାୟତରାଜ ଅଧିନିୟମ ୧୯୪୭ କିମ୍ବା ଉତ୍ତରପ୍ରଦେଶ କ୍ଷେତ୍ର ପଞ୍ଚାୟତ ଏବଂ ଜିଲ୍ଲା ପଞ୍ଚାୟତ ଅଧିନିୟମ, ୧୯୬୧ ଅନୁଯାୟୀ ଏପରି ଶିଳ୍ପ ବିକାଶ କ୍ଷେତ୍ର କିମ୍ବା ଏହାର କିଛି ଅଂଶ ପାଇଁ କୌଣସି ପଞ୍ଚାୟତ ଗଠନ ହେବନାହିଁ, ଏବଂ ଏପରି ଅଧିସୂଚନା ଜାରି ହେବା ତାରିଖ ପୂର୍ବରୁ ଯେ କୌଣସି ସ୍ଥିତିରେ ଏପରି ଶିଳ୍ପ ବିକାଶ କ୍ଷେତ୍ର କିମ୍ବା ତାହାର ଅଂଶ ପାଇଁ ଗଠିତ ପଞ୍ଚାୟତ ବିଦ୍ୟମାନ ରହିବ ନାହିଁ "।*

୩୭. ଅଦାଲତ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଧାରା ୨୪୩ –ଥ ସହିତ ଧାରା ୧୨-କ ର ମିଳିତ ପଠନ ସ୍ପଷ୍ଟ କରିଛି ଯେ ଧାରା ୨୪୩ –ଥ (୧) ର ବ୍ୟବସ୍ଥା ଅନ୍ତର୍ଗତ କୌଣସି ଅଧିସୂଚନା ଜାରି ନହେବା ପର୍ଯ୍ୟନ୍ତ ଶିଳ୍ପ ବିକାଶ କ୍ଷେତ୍ରଗୁଡିକୁ ପଞ୍ଚାୟତ ପରିଧିରୁ ବାଦ ଦିଆଯାଇପାରିବ ନାହିଁ । ନ୍ୟାୟାଳୟ ଗୁରୁତ୍ୱପୂର୍ଣ୍ଣ ଭାବେ ଉଲ୍ଲେଖ କରିଥିଲେ ଯେ "ଔଦ୍ୟୋଗିକ ବିକାଶ କ୍ଷେତ୍ରକୁ ପଞ୍ଚାୟତମାନଙ୍କରୁ ବାହାର କରିବା ଗୁରୁତର ପରିଣାମ ଆଣିଥାଏ କାରଣ ଶିଳ୍ପ ବିକାଶ ମଧ୍ୟରେ ରହୁଥିବା ବ୍ୟକ୍ତି ତୁରନ୍ତ ସେମାନଙ୍କ ପଞ୍ଚାୟତମାନଙ୍କରୁ ସୁବିଧା ଏବଂ ଲାଭ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଧାରା ୨୪୩-ଥ ରେ ଥିବା ସର୍ତ୍ତକୁ ଦୃଷ୍ଟିରେ ରଖି ଏହି ଲାଭରୁ ବଞ୍ଚିତ କରାଯିବା ଉପରେ ଏକ ସଚେତନ ନିର୍ଣ୍ଣୟ ହେବା ଆବଶ୍ୟକ" ।

୩୮. ***ନୋଏଡ଼ା (ଉପରୋକ୍ତ)*** ମାମଲାରେ, ୟୁପିଆଇଏଡି ଅଧିନିୟମ ଅଧୀନରେ ଗଠିତ ଆବେଦନକାରୀ କର୍ତ୍ତୃପକ୍ଷ ଆୟକର ଅଧିନିୟମ ୧୯୬୧ ର ଧାରା ୧୦ (୨୦) ଅଧୀନରେ ଏକ 'ସ୍ଥାନୀୟ ପ୍ରାଧିକାରୀ' ଭାବେ ରିହାତିର ଲାଭ ଦାବି କରିପାରିବେ କି ନାହିଁ, ଏହି ସଂପର୍କରେ ପ୍ରସଙ୍ଗ ଥିଲା । ଆବେଦନକାରୀ ଧାରା ୨୪୩-ଥ (୧ ) ର ସର୍ତ୍ତାବଳୀ

ଅନ୍ତର୍ଗତ ରାଜ୍ୟପାଳଙ୍କ ଦ୍ୱାରା ଜାରି ବିଜ୍ଞପ୍ତି (୨୪.୧୨.୨୦୧୧ତାରିଖ) ଉପରେ ନିର୍ଭର କରିଥିଲେ । ଏହି ତର୍କ ଥିଲା ଯେ, ଔଦ୍ୟୋଗିକ କ୍ଷେତ୍ର ଅଥବା ନୋଇଡାକୁ ସମ୍ବିଧାନର ଭାଗ-୯ ର ବ୍ୟବସ୍ଥା ଗୁଡ଼ିକର ଆବଶ୍ୟକତାରୁ ବାଦ ଦିଆଯାଇଥିବାରୁ ଏହା ଏକ ପୌର କ୍ଷେତ୍ର ହୋଇ ରହିନଥିଲା ଏବଂ ସେଥିପାଇଁ ଏହା ନିଜେ ଏକ ସ୍ଥାନୀୟ ପ୍ରାଧିକରଣ ଥିଲା । ଏହି ନ୍ୟାୟାଳୟ ସେଭଳି ତର୍କକୁ ଅସ୍ୱୀକାର କରିଥିଲେ ଏବଂ ମତ ଦେଇଥିଲେ ଯେ- ସମ୍ବିଧାନ (୭୪ ତମ) ସଂଶୋଧନ ଅଧିନିୟମ, ୧୯୯୨ ର ଉଦ୍ଦେଶ୍ୟ , କାରଣ ଏବଂ ସ୍ମାରକ ପତ୍ର କୁ ଧ୍ୟାନରେ ରଖି ମନ୍ତ୍ରୀ ସଂସଦରେ ଏହି ସଂଶୋଧନ ବିଲ୍ ଆଗତ କରିଥିଲେ:

*"୨୮. ସମ୍ବିଧାନର ଭାଗ ୯- କ ରେ ଥିବା ବ୍ୟବସ୍ଥା ଅନୁସାରେ ସମ୍ବିଧାନରେ ହିଁ ନଗରପାଳିକାଗୁଡ଼ିକର ଗଠନ, ପୌରପାଳିକାଗୁଡ଼ିକର ଅବଧି, କର୍ତ୍ତୃପକ୍ଷଙ୍କ କ୍ଷମତା ଏବଂ ନଗରପାଳିକାଗୁଡ଼ିକର ଦାୟିତ୍ୱ ପ୍ରଦାନ କରାଯାଇଛି। ପୌରପାଳିକା ଗୁଡ଼ିକୁ ସ୍ୱାୟତ୍ତ-ଶାସନର ଜୀବନ୍ତ ଗଣତାନ୍ତ୍ରିକ ଏକକ ଭାବେ ସୃଷ୍ଟି କରାଯାଇଛି । ପୌରପାଳିକାକୁ ପ୍ରତିନିଧିତ୍ୱ କରିବା ପାଇଁ ପ୍ରତିନିଧିମାନଙ୍କୁ ଚୟନ କରିବା ଲାଗି ନିୟମିତ ନିର୍ବାଚନ ଉପରେ ବିଚାର କରି ପାଞ୍ଚ ବର୍ଷ ପାଇଁ ପୌରପାଳିକା ଅବଧି ପ୍ରଦାନ କରାଯାଇଥିଲା । ଭାଗ ୯(କ) ଧାରଣ କରିଥିବା ସାମ୍ବିଧାନିକ ବ୍ୟବସ୍ଥା ଯେପରି ଅନୁଧ୍ୟାନ କରାଯାଇଥିଲା , ପୌରପାଳିକାର ସ୍ୱତନ୍ତ୍ର ବିଶେଷତ୍ୱ ୧୯୭୬ ଅଧିନିୟମର ବୈଧାନିକ ଯୋଜନା ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରାଧିକରଣରେ ବିଦ୍ୟମାନ ବୋଲି କୁହାଯାଇ ପାରିବନାହିଁ ।ଏହା ସତ୍ୟ ଯେ ଅଧିନିୟମ, ୧୯୭୬ ଅନୁଯାୟୀ ପ୍ରାଧିକରଣ ଦ୍ୱାରା ବିଭିନ୍ନ ପୌରପାଳିକା କାର୍ଯ୍ୟ କର୍ତ୍ତୃପକ୍ଷ ଦ୍ୱାରା ମଧ୍ୟ କରାଯାଉଛି, କିନ୍ତୁ କେବଳ ଏହି ତଥ୍ୟ ଯେ କେତେକ ନିର୍ଦ୍ଦିଷ୍ଟ ପୌରପାଳିକା କାର୍ଯ୍ୟ ମଧ୍ୟ କର୍ତ୍ତୃପକ୍ଷ ଦ୍ୱାରା କରାଯାଇଥାଏ, ଯାହା ସମ୍ବିଧାନର ଭାଗ ୯-କ ଦ୍ୱାରା ମନସ୍ଥ କରାଯାଇଛି କି ଏହା ପୌରପାଳିକାର ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହାସଲ କରିପାରିବ ନାହିଁ । ଆବେଦନକାରୀଙ୍କ ଓକିଲଙ୍କ ତର୍କରେ ମୁଖ୍ୟତଃ କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ ୨୪୩ ଥ -(୧ ) ର ବିଜ୍ଞାପନ ଅନ୍ତର୍ଗତ ୨୪ .୧୨.୨୦୦୧ ତାରିଖରେ ଜାରି ଅଧିସୂଚନାକୁ ଧ୍ୟାନ ଦେଇ ନଥିବା କାରଣରୁ ରିଟ ଆବେଦନକୁ ଖାରଜ କରିବା ଲାଗି ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ସ୍ଥାୟୀ ନୁହେଁ । ତେଣୁ ଆମକୁ ଧାରା ୨୪୩ ଥ (୧) ର ସର୍ତ୍ତାବଳୀ ଉପରେ ଧ୍ୟାନ ଦେବାକୁ ହେବ । ସେଥିରେ ଉଲ୍ଲିଖିତ ଶିଳ୍ପ ସହରାଞ୍ଚଳର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ପାଇଁ ଏଥିରେ ଉଲ୍ଲେଖ କରାଯାଇଥିବା ଶିଳ୍ପ ସହରାଞ୍ଚଳ ଅନୁଚ୍ଛେଦ ୨୪୩ ତ ଅଧୀନରେ ପ୍ରଦାନ କରାଯାଇଥିବା ପୌରପାଳିକା ସହିତ ତୁଳନା କରାଯାଇପାରିବ କି । ଅନୁଚ୍ଛେଦ ୨୪୩ତ(ଙ) ରେ ବ୍ୟବସ୍ଥା ରହିଛି ଯେ "ପୌରପାଳିକା ଅର୍ଥ ଅନୁଚ୍ଛେଦ ୨୪୩ ଥ ଅଧୀନରେ ଗଠିତ ଏକ ସ୍ୱୟଂ ଶାସନ ସଂସ୍ଥା ।ଆବେଦନକାରୀ ଅନୁଚ୍ଛେଦ ୨୪୩ ଥ ଅଧୀନରେ ଗଠିତ ଏକ ସ୍ୱୟଂ ଶାସନ ସଂସ୍ଥା କି , ଏହା ହେଉଛି ମୁଖ୍ୟ ପ୍ରଶ୍ନ ଯାହାର ଉତ୍ତର ରଖିବା ଆବଶ୍ୟକ । ଅନୁଚ୍ଛେଦ ୨୪୩ ଥ ର ଉପଖଣ୍ଡ (୧ ) ରେ ବ୍ୟବସ୍ଥା ରହିଛି ଯେ ପ୍ରତ୍ୟେକ ରାଜ୍ୟରେ ଏହି ଭାଗର ବ୍ୟବସ୍ଥା ଅନୁଯାୟୀ ନଗର ପଞ୍ଚାୟତ, ଏକ ପୌର ପରିଷଦ ଏବଂ ଏକ ପୌର ନିଗମ ଗଠନ କରାଯିବ । ଉପଖଣ୍ଡ (୧) ର ସର୍ତ୍ତାବଳୀରେ ନିମ୍ନଲିଖିତ ବ୍ୟବସ୍ଥା ରହିଛି:*

*"ପରନ୍ତୁ, ଏହି ଅନୁବିଧି ଅଧୀନରେ କୌଣସି ପୌରପାଳିକା ଏପରି ସହରାଞ୍ଚଳ ବା ତହିଁର କୌଣସି ଭାଗରେ ଗଠିତ ହୋଇପାରିବ ନାହିଁ ଯେତେବେଳେ ରାଜ୍ୟପାଳ କ୍ଷେତ୍ରର ଆକାର ଏବଂ ସେହି କ୍ଷେତ୍ରରେ କୌଣସି ଶିଳ୍ପ ପ୍ରତିଷ୍ଠାନ ପାଇଁ ପ୍ରଦାନ କରାଯାଉଥିବା ବା କରାଯିବାକୁ ପ୍ରସ୍ତାବିତ କରାଯାଉଥିବା ପୌର ସେବା ଏବଂ ସେ ଯେପରି ଉଚିତ ମନେ କରିବେ ସେପରି ଅନ୍ୟ ବିଷୟକୁ ଧ୍ୟାନରେ ରଖି, ସରକାରୀ ଅଧିସୂଚନା ଦ୍ୱାରା ଶିଳ୍ପ ସହରାଞ୍ଚଳ ରୂପେ ବିନିର୍ଦ୍ଦିଷ୍ଟ କରିପାରିବେ " ।*

*୨୯. ତେଣୁ, କୌଣସି ଔଦ୍ୟୋଗିକ ପ୍ରତିଷ୍ଠାନକୁ ପୌରପାଳିକା ଭାବେ ଗଠନ କରିବା ଲାଗି ଏହି ସର୍ତ୍ତରେ କୌଣସି ବ୍ୟବସ୍ଥା ନାହିଁ ବରଂ ଅନୁଚ୍ଛେଦ ୨୪୩ ଥ ର ଅନୁବିଧି (୧) ଅନ୍ତର୍ଗତ କେଉଁଠାରେ ଏକ ସହରାଞ୍ଚଳରେ ପୌରପାଳିକା ଗଠନ କରାଯାଇନପାରେ, ତାହାର ଏକ ବ୍ୟତିକ୍ରମ ସ୍ପଷ୍ଟ କରିଥାଏ । ଅନୁଚ୍ଛେଦ ୨୪୩ ଥ ର ଉପଖଣ୍ଡ (୧) ରେ ପ୍ରଦତ୍ତ ଥିବା ପୌରପାଳିକାର ଗଠନରେ ଏହି ବ୍ୟବସ୍ଥା ଏକ ବ୍ୟତିକ୍ରମ ଅଟେ । ଅନ୍ୟ କୌଣସି ବ୍ୟାଖ୍ୟା ଏହି ବ୍ୟବସ୍ଥା ରେ ନାହିଁ ଯାହା ସମ୍ବିଧାନ ଯୋଜନା ର ଅନୁରୂପ ହେବ । "*

୩୯. *[ଡାଇମଣ୍ଡ ସୁଗାର ମିଲ୍ସ (ଉପରୋକ୍ତ) ଏବଂ ଶକ୍ତିକୁମାର ଏମ. ସଂଚେତି (ଉପରୋକ୍ତ)]* ବ୍ୟତୀତ ଅବେଦନକାରୀମାନେ ନିର୍ଭର କରିଥିବା ସମସ୍ତ ନିର୍ଣ୍ଣୟରେ କେତେକ ରାଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ କିମ୍ବା ଅନୁଚ୍ଛେଦ ୨୪୩-ଥ ବଳରେ ଏକ ଶିଳ୍ପ କ୍ଷେତ୍ର ବାଦ ହେବା ପରେ ଏପରି ଏକ ଶିଳ୍ପ କ୍ଷେତ୍ର ,ଏକ ପୌରପାଳିକା କିମ୍ବା ଏକ ପଞ୍ଚାୟତ ର ଅଂଶ ବିଶେଷ ଥିବା ପ୍ରଶ୍ନ ବିଚାରଯୋଗ୍ୟ ଥିଲା । ଗୁଜରାଟ ପଞ୍ଚାୟତ ଅଧିନିୟମ ୧୯୬୧ କିମ୍ବା ଭାରତୀୟ ସମ୍ବିଧାନର ଧାରା ୨୪୩ –ଥ ଉଲ୍ଲଙ୍ଘନ କରି ପୂର୍ବରୁ ଶିଳ୍ପ କ୍ଷେତ୍ର ଭାବେ ଅଧିସୂଚନା ହୋଇଥିବା ଅଞ୍ଚଳକୁ ପଞ୍ଚାୟତରୁ ବାଦ ଦେବା ତର୍କକୁ *ସାଇଜ ଗ୍ରାମ ପଞ୍ଚାୟତ (ଉପରୋକ୍ତ)* ରେ ଅଦାଲତ ଖାରଜ କରିଦେଇଛନ୍ତି । ସେହିପରି *ଏମଜିଆର ଇଣ୍ଡଷ୍ଟ୍ରିଜ୍ (ଉପରୋକ୍ତ)* ମାମଲାରେ କୋର୍ଟ କହିଥିଲେ ଯେ ଧାରା ୨୪୩ –ଥ ର ସର୍ତ୍ତାବଳୀ ଅନୁଯାୟୀ ଅଧିସୂଚନା ବିନା କୌଣସି ଅଞ୍ଚଳକୁ କେବଳ ଔଦ୍ୟୋଗିକ କ୍ଷେତ୍ର କିମ୍ବା ସହରାଞ୍ଚଳ ଭାବେ ଘୋଷଣା କରାଯିବା ଦ୍ୱାରା ସେହି ଅଞ୍ଚଳକୁ ପଞ୍ଚାୟତ ଅଧୀନରେ ଥିବା ଅଞ୍ଚଳ ରୁ ବାହାର କରାଯାଇପାରିବ ନାହିଁ। ଆୟକର ଅଧିନିୟମ, ୧୯୬୧ର ଧାରା ୧୦ (୨୦) ଅନ୍ତର୍ଗତ ଆୟକର ରିହାତି ସ୍ଥିତି ଦାବି କରିବା ଲାଗି ନୋଏଡ଼ା ଏକ ସ୍ଥାନୀୟ ପ୍ରାଧିକରଣ କି ନୁହେଁ ଏହାର ନିର୍ଣ୍ଣୟ ଉପରେ *ନୋଏଡ଼ା (ଉପରୋକ୍ତ)* ରେ ପ୍ରଶ୍ନ ଉଠିଥିଲା । ଏହି ନ୍ୟାୟାଳୟ କହିଥିଲେ ଯେ କୌଣସି ଅଞ୍ଚଳକୁ ପୌରପାଳିକାର ସୀମାରୁ ସ୍ୱତଃ ଅଲଗା ରଖିବା ଦ୍ୱାରା ଆୟକର ଆଇନ ଅଧୀନରେ ଟିକସ ମୁକ୍ତ ମାନ୍ୟତା ପାଇବାର ଯୋଗ୍ୟତା ମିଳିନାହିଁ । ଧାରା୨୪୩ –ଥ ର ପ୍ରଭାବ ସମ୍ପର୍କରେ ଏହି କୋର୍ଟଙ୍କ ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ।

୪୦. *ଡାଇମଣ୍ଡ ସୁଗାର ମିଲ୍ସ (ଉପରୋକ୍ତ)* ରେ ଦର୍ଶାଯାଇଛି ଯେ, "ସ୍ଥାନୀୟ ଅଞ୍ଚଳ ହେଉଛି ଏପରି ଏକ କ୍ଷେତ୍ର, ଯାହା ରାଜ୍ୟର କୌଣସି ଭାଗରେ ସ୍ଥାନୀୟ ବ୍ୟାପାରର ପ୍ରଶାସନ ପାଇଁ ଆଇନ ଅଧୀନରେ ଗଠିତ ସ୍ଥାନୀୟ ପ୍ରାଧିକରଣ, ଯେପରିକି ପୌରପାଳିକା, ଜିଲ୍ଲା ବୋର୍ଡ, ସ୍ଥାନୀୟ ବୋର୍ଡ କିମ୍ବା ସଂଘ ବୋର୍ଡ, ପଞ୍ଚାୟତ କିମ୍ବା ଆଇନତଃ ସୃଷ୍ଟ କୌଣସି ବ୍ୟକ୍ତି" । ଏହି ଉକ୍ତିଟି ପ୍ରାସଙ୍ଗିକ ଥିଲା କାରଣ ସେହି ନିର୍ଣ୍ଣୟ ସହିତ ଜଡ଼ିତ ଟିକସ ଲଗାଇବା ଦ୍ୱାରା କାରଖାନା ପରିସରରେ ସାମଗ୍ରୀଗୁଡ଼ିକର ପ୍ରବେଶ ଉପରେ ଏକ ଶୁଳ୍କ ଲାଗୁ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନ୍ୟାୟାଳୟ କହିଥିଲେ ଯେ, ପ୍ରବେଶ ପଥ ହିଁ ପ୍ରାସଙ୍ଗିକ କଥା, ଅତଏବ ସ୍ଥାନୀୟ ଅଞ୍ଚଳ ସମ୍ବନ୍ଧରେ ପ୍ରବେଶ ଟିକସ ଲାଗୁ କରାଯାଇପାରିବ ।

୪୧. ବର୍ତ୍ତମାନର ମାମଲାରେ, ଦୁଇ କିମ୍ବା ତତୋଧିକ ଆଇନ ଦୁଇ ରାଜ୍ୟ ମଧ୍ୟରେ କାର୍ଯ୍ୟକାରୀ ହେଉଛି । ପ୍ରଥମ ପର୍ଯ୍ୟାୟ ବିଧାନ ହେଉଛି ଆଇନ, ଯାହା ଶୁଳ୍କ ଲାଗୁ କରିଥାଏ, ତାହା ହେଉଛି ପ୍ରବେଶ ଟିକସ ।ଏହା ସ୍ଥାନୀୟ ଅଞ୍ଚଳରେ ପ୍ରବେଶ ଘଟଣା । ସ୍ଥାନୀୟ ଅଞ୍ଚଳକୁ ଔଦ୍ୟୋଗିକ ପ୍ରତିଷ୍ଠାନ କିମ୍ବା ସମ୍ପତ୍ତିକୁ ସାମିଲ କରି ପରିଭାଷିତ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ଅଧିନିୟମଗୁଡ଼ିକ ହେଲା ୧୯୫୦ର ଓଡ଼ିଶା ଅଧିନିୟମ ଯାହାକି ଧାରା ୪ (୧ ) ର

ସର୍ତ୍ତାବଳୀ ଅନୁଯାୟୀ ଔଦ୍ୟୋଗିକ କ୍ଷେତ୍ରକୁ ପୌରପାଳିକାର ଅଧିନିୟମର କଠୋରତା ଏବଂ ଆବଶ୍ୟକତାରୁ ବାଦ ଦେଇଥାଏ । ୟୁପି ପ୍ରବେଶ ଟିକସ ଆଇନରେ "ସ୍ଥାନୀୟ କ୍ଷେତ୍ର" କୁ ବ୍ୟାପକ ଭାବେ ପରିଭାଷିତ କରାଯାଇଛି, ଯାହା ଶିଳ୍ପ ପ୍ରତିଷ୍ଠାନ କ୍ଷେତ୍ର ସମେତ ସମସ୍ତ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ । ୟୁପି ପୌରପାଳିକା ଅଧିନିୟମ ୧୯୧୬ ଅନୁଯାୟୀ, ଏକ ପୋରପାଳିକା ଏବଂ ଏକ ପୌର ଅଞ୍ଚଳକୁ ନିମ୍ନୋକ୍ତ ଭାବେ ପରିଭାଷିତ କରାଯାଇଛି:

> *(୯) "ପୌରପାଳିକା" ର ଅର୍ଥ ସମ୍ବିଧାନର ଅନୁଚ୍ଛେଦ ୨୪୩ ତ ଅନୁବିଧି (ଡ) ରେ ଉଲ୍ଲେଖ ହୋଇଥିବା ଏକ ସ୍ୱାୟତ୍ତ ଶାସନ ସଂସ୍ଥା ।*
> *(୯କ) "ପୌରାଞ୍ଚଳ " ର ଅର୍ଥ କୌଣସି ପୌରପାଳିକାର ପ୍ରାଦେଶିକ କ୍ଷେତ୍ର ।"*

୪୨ . ଏହି ନ୍ୟାୟାଳୟ *କିଷାନ ସିଂ ତୋମାର ବନାମ ଅହମ୍ମଦାବାଦ ସହରର ମ୍ୟୁନିସିପାଲ କର୍ପୋରେସନ ଏବଂ ଅନ୍ୟମାନେ*[22] ମାମଲାରେ ନିର୍ଣ୍ଣୟ ଏବଂ ସମ୍ବିଧାନ (୭୪ ତମ) ସଂଶୋଧନ ଅଧିନିୟମ ୧୯୯୨ ର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ କୁ ଧ୍ୟାନରେ ରଖି ଉଲ୍ଲେଖ କରିଥିଲେ ଯେ :

> *"୧୨. ଏଠାରେ ସୂଚନାଯୋଗ୍ୟ ଯେ ସମ୍ବିଧାନ (୭୪ ତମ) ସଂଶୋଧନ ଅଧିନିୟମ ୧୯୯୨ ଆଧାରରେ ସମ୍ବିଧାନରେ ଭାଗ ୯ -କ ଯୋଡ଼ା ଯାଇଥିଲା । ଏହି ବ୍ୟବସ୍ଥା ଲାଗୁ କରିବାର ଉଦ୍ଦେଶ୍ୟ ଏହା ଥିଲା ଯେ ଅନେକ ରାଜ୍ୟରେ ସ୍ଥାନୀୟ ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି ଏବଂ ନିର୍ଦ୍ଧାରିତ ସମୟରେ ନିର୍ବାଚନ ହେଉନାହିଁ ଏବଂ ମନୋନୀତ ସଂସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲୁ ରହିଛି । ନିର୍ବାଚନ ଅନିୟମିତ ଏବଂ ଅନେକ ଥର ଅନାବଶ୍ୟକ ଭାବେ ବିଳମ୍ବ କିମ୍ବା ସ୍ଥଗିତ କରାଯାଇଥିଲା ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ଖିଆଲ ଏବଂ କଳ୍ପନା ଅନୁଯାୟୀ ଉପଯୁକ୍ତ କାରଣ ବିନା ନିର୍ବାଚିତ ସଂସ୍ଥାଗୁଡ଼ିକୁ ବରଖାସ୍ତ କିମ୍ବା ନିଲମ୍ବିତ କରାଯାଇଥିଲା । ଏହି ମତ ତତ୍କାଳୀନ ସହରାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ସଂସଦ ସମ୍ମୁଖରେ ସମ୍ବିଧାନ ସଂଶୋଧନ ବିଲ୍ ଉପସ୍ଥାପନ କରିବା ସମୟରେ ପ୍ରକାଶ କରିଥିଲେ ଏବଂ ଏହି କାରଣରୁ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ରାଜନୈତିକ ପ୍ରଶାସନରେ ଉଚିତ ସ୍ଥାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ସମ୍ବିଧାନରେ ନୂତନ ବ୍ୟବସ୍ଥା ଯୋଡ଼ା ଯାଇଥିଲା । ଏପରି ସଂସ୍ଥାଗୁଡ଼ିକୁ ଏକ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବା ଏବଂ ନିର୍ବାଚନର ନିୟମିତ ଏବଂ ସ୍ୱଚ୍ଛ ପରିଚାଳନା ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ବିବେଚନା କରାଯାଇଥିଲା । ସହରୀ ସ୍ଥାନୀୟ ସଂସ୍ଥା ସମ୍ବନ୍ଧୀୟ ବିବୃତି ସଂଶୋଧନ ବିଲର ଉଦ୍ଦେଶ୍ୟ ଏବଂ କାରଣର ବିବରଣୀରେ କୁହାଯାଇଛି: [...]"*

୪୩. ସମ୍ବିଧାନର ଭାଗ ୯-କ ରେ ପୌରପାଳିକାଗୁଡ଼ିକର ଗଠନ, ସେଗୁଡ଼ିକର ଅବଧି, କ୍ଷମତା ଏବଂ ପୌରପାଳିକା କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟର ବ୍ୟବସ୍ଥା ରହିଛି । ପୌରପାଳିକା ଗୁଡ଼ିକୁ ସ୍ୱଶାସନ ପାଇଁ ଏକ ଜୀବନ୍ତ ଗଣତାନ୍ତ୍ରିକ ଏକକ ଭାବେ ପରିକଳ୍ପନା କରାଯାଇଥିଲା । ସେମାନଙ୍କର କାର୍ଯ୍ୟକାଳ ପାଞ୍ଚ ବର୍ଷ ପାଇଁ ସ୍ଥିର କରାଗଲା, ନିୟମିତ ନିର୍ବାଚନ କରାଗଲା, ପୌରପାଳିକାର ପ୍ରତିନିଧିମାନଙ୍କୁ ନିୟମିତ ନିର୍ବାଚନ ଦ୍ୱାରା ଚୟନ କରାଗଲା । ଭାଗ ୯-କ ରେ ଥିବା ବ୍ୟବସ୍ଥା ଦ୍ୱାରା ପୌରପାଳିକା ଗୁଡ଼ିକର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଅନୁଧ୍ୟାନ କରାଯାଇଛି, ତେବେ ଆଇନ ଦ୍ୱାରା ଗଠିତ ଅନ୍ୟ ସଂସ୍ଥା ଯେପରିକି ବୋର୍ଡ ଇତ୍ୟାଦିରେ ତାହା ରହିବାର ଆବଶ୍ୟକତା ନାହିଁ । ସେଭଳି ଆଇନଗତ ସଂସ୍ଥା, ଯେପରିକି ଔଦ୍ୟୋଗିକ ସଂସ୍ଥା ପୌରପାଳିକା କାର୍ଯ୍ୟ ତୁଲାଇ ପାରନ୍ତି । ଯଦିଓ କେତେକ ପୌର କାର୍ଯ୍ୟ ଏପରି ସଂସ୍ଥା ଗୁଡିକ ଦ୍ୱାରା ସମ୍ପାଦିତ

[22] ୨୦୦୬ (୮) ଏସସିସି ୩୫୨

ହୋଇଥାଏ, ତଥ୍ୟତଃ ସେମାନେ ସମ୍ବିଧାନର ଭାଗ ୯-କ ଦ୍ୱାରା ଚିନ୍ତନ କରାଯାଇଥିବା ପୌରପାଳିକାର ବୈଶିଷ୍ଟ୍ୟ ହାସଲ କରନ୍ତିନାହିଁ ।

୪୪. ଆବେଦନକାରୀଙ୍କ ମନ୍ତବ୍ୟ ଏହିପରି କହିବା ପାଇଁ ଥିଲା ଯେ, ଯେତେବେଳେ ଔଦ୍ୟୋଗିକ କ୍ଷେତ୍ର କିମ୍ବା ପୌରପାଳିକା କ୍ଷେତ୍ରରୁ ବାହାର କରି କୌଣସି ଅଧିସୂଚନା ଜାରି କରାଯାଏ, ସେତେବେଳେ ତାହା ସ୍ଥାନୀୟ କ୍ଷେତ୍ର ବୋଲି ବିବେଚିତ ହେବ ନାହିଁ, ଏବଂ ଏହାକୁ ପ୍ରବେଶ ଟିକସ ଲାଗୁ କରିବା ଉଦ୍ଦେଶ୍ୟରେ ବିବେଚନା କରାଯାଇ ପାରିବ ନାହିଁ । ପୂର୍ବରୁ ଯେପରି ଲକ୍ଷ୍ୟ କରାଯାଇଥିଲା, ସମ୍ବିଧାନର ଭାଗ ୯- କ ର ବ୍ୟବସ୍ଥା ସହିତ ଜଡ଼ିତ ସମସ୍ତ ରାୟ ପ୍ରୟୋଗଯୋଗ୍ୟ କିମ୍ବା ପ୍ରବେଶ ଟିକସ ଲାଗୁ କରିବା କିମ୍ବା ଅନୁଚ୍ଛେଦ ୨୪୩ –ଥ (୧ ) ର ସର୍ତ୍ତାବଳୀ ଅନୁଯାୟୀ ବିଜ୍ଞପ୍ତି ଜରିଆରେ ବାଦ ଦିଆଯାଇଥିବା ଏପରି ଅଞ୍ଚଳ ସ୍ଥାନୀୟ ଅଞ୍ଚଳ ଭାବେ ନିବୃତ୍ତ ହେବା ସନ୍ଦର୍ଭରେ ଦିଆଯାଇନଥିଲା । ନ୍ୟାୟାଳୟଙ୍କ ସ୍ପଷ୍ଟ ଧାରଣା ଏହା ଯେ ସମ୍ବିଧାନର ୭୪ ତମ ସଂଶୋଧନ ଦ୍ୱାରା ଭାଗ ୯ -କ ର ଭୂମିକା ହେଉଛି ସ୍ଥାନୀୟ ସ୍ୱୟଂ ଶାସନ ଏକକ ଗୁଡ଼ିକୁ ସୁଦୃଢ଼ କରିବା ଏବଂ ଏହା ସୁନିଶ୍ଚିତ କରିବା ଯେ ସେମାନେ ସର୍ବନିମ୍ନ ଗଣତାନ୍ତ୍ରିକ ମାନକ ଅଧୀନରେ ରହିବେ । ତେଣୁ ଅନୁଚ୍ଛେଦ ୨୪୩ –ଥ (୧) ର ସର୍ତ୍ତାବଳୀକୁ ଏହି ସନ୍ଦର୍ଭରେ ପଢିବାକୁ ହେବ ଯେ ଔଦ୍ୟୋଗିକ କ୍ଷେତ୍ର ଏବଂ ସମ୍ପତ୍ତିକୁ କୌଣସି ଆଇନଗତ ବ୍ୟବସ୍ଥା ଆଧାରରେ ପରିଚାଳିତ କରାଯାଇଥାଏ, ଯେଉଁଠାରେ କି କେତେକ ପୌରପାଳିକା ସେବା ପ୍ରଦାନ କରାଯାଇଥାଏ, ତେବେ ସମ୍ବିଧାନର ଭାଗ ୯-କ ରେ ନିର୍ଦ୍ଧାରିତ ଆବଶ୍ୟକତାକୁ ଛାଡ଼ କରାଯାଇଥାଏ । ସମାଜର ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ, ନିର୍ବାଚନର ନିୟମିତତା, ସ୍ଥାନୀୟ ସରକାରଙ୍କ ତ୍ରିସ୍ତରୀୟ ଢାଂଚା, ସଂରକ୍ଷଣ, ନିର୍ବାଚନ ବିବାଦର ସମାଧାନ ପାଇଁ ବ୍ୟବସ୍ଥା ଏବଂ ଗ୍ରାମ, ତାଲୁକ ଏବଂ ଜିଲ୍ଲା ସ୍ତରରେ ବିଭିନ୍ନ ବିଷୟ ଉପରେ ନିର୍ଣ୍ଣୟ ନେଉଥିବା ନିର୍ବାଚିତ ସଂସ୍ଥା ଭଳି ଗଣତାନ୍ତ୍ରିକ ଶାସନର ଉପାଦାନକୁ ଏହି ବ୍ୟବସ୍ଥା ସୂଚୀତ କରେ ।

୪୫. ସମ୍ବିଧାନର ୭୪ତମ ସଂଶୋଧନ ମାଧ୍ୟମରେ ଭାଗ ୯-କ ରେ ଯୋଡ଼ାଯାଇଥିବା ବ୍ୟବସ୍ଥା ଗୁଡ଼ିକ ସ୍ଥାନୀୟ ସ୍ୱଶାସନ ଏବଂ ଏହା ସହ ଜଡ଼ିତ ସମସ୍ତ ବ୍ୟବସ୍ଥା ଉପରେ କେନ୍ଦ୍ରିତ ଥିଲା । ରାଜ୍ୟ ଟିକସ ପ୍ରସଙ୍ଗରେ ଏହାର କୌଣସି ପ୍ରାସଙ୍ଗିକତା ନଥିଲା । ଅଧିକନ୍ତୁ, ଶିଳ୍ପ ସମ୍ପତ୍ତି କିମ୍ବା ବୃହତ କ୍ଷେତ୍ର ଯାହା ମୁଖ୍ୟତଃ ଶିଳ୍ପାୟନ କ୍ଷେତ୍ର ସେଗୁଡିକୁ ପୌରପାଳିକା କ୍ଷେତ୍ର ସୀମାରୁ ବାଦ ଦେବା ପାଇଁ ରାଜ୍ୟପାଳଙ୍କ ଦ୍ୱାରା କ୍ଷମତା ପ୍ରୟୋଗ କରିବା ଏହି ସର୍ତ୍ତ ଉପରେ ରହିଛି ଯେ ଏହିପରି କ୍ଷେତ୍ର ଗୁଡିକ ପୌର ସେବାର ସର୍ବନିମ୍ନ ସ୍ୱଳ୍ପ ମାତ୍ରା ଯୋଗାଇଥାଏ । ଏହି ନ୍ୟାୟାଳୟର ବିଭିନ୍ନ ନିଷ୍ପତ୍ତିକୁ ପଢିବା ପରେ ରାଜ୍ୟ ଅଧିନିୟମର ଢ଼ାଞ୍ଚା ଏହିପରି ପ୍ରକଟ ହୋଇଥାଏ ଯେ ଗୋଟିଏ ପଟେ ପୌରପାଳିକା, ସେନା ଛାଉଣି, ପଞ୍ଚାୟତ, ଗ୍ରାମ ପଞ୍ଚାୟତ ଇତ୍ୟାଦି ସହିତ ଜଡିତ ଏବଂ ଅନ୍ୟପଟେ ଶିଳ୍ପ କ୍ଷେତ୍ର ସହିତ ଜଡିତ ଆଇନ

ଯଥା ୟୁପିଆଇଏଡି ଅଧିନିୟମ, ଗୁଜରାଟ ଶିଳ୍ପ ବିକାଶ ଅଧିନିୟମ ୧୯୬୨  ଇତ୍ୟାଦି । ପରବର୍ତ୍ତୀ ଅଧିନିୟମରେ ପ୍ରତ୍ୟେକ ଶିଳ୍ପ କ୍ଷେତ୍ର ପ୍ରଦାନ କରିବାକୁ ଥିବା ସେବା (ପୌରପାଳିକା ଦ୍ୱାରା ପ୍ରଦାନ କରାଯାଉଥିବା ପୌରପାଳିକା ସେବା ଅନୁରୂପ) ନିର୍ଦ୍ଧାରଣ କରାଯାଇଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି , ଶିଳ୍ପ କ୍ଷେତ୍ର ସମ୍ବନ୍ଧରେ ପୌରପାଳିକା ଆଇନ କିମ୍ବା ସେଭଳି ବିଧି ବିଧାନ ପ୍ରୟୋଗରୁ ମୁକ୍ତି ଏପରିକି ଧାରା ୨୪୩ ଥ(୧)ସର୍ତ୍ତାବଳୀ ଦ୍ୱାରା ଭାଗ-୯ (କ ) ର ପ୍ରୟୋଗରୁ ମଧ୍ୟ ଛାଡ ହୋଇଛି, ଯଦ୍ୱାରା ନିର୍ବାଚନ ଭଳି କେତେକ ଆବଶ୍ୟକତାର ପ୍ରୟୋଗକୁ ବାଦ ଦିଆଯିବ । ଶିଳ୍ପ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସେବା ଗୁଡିକର ସ୍ୱଭାବ ସମ୍ବନ୍ଧରେ, ସେହି ପ୍ରଯୁଜ୍ୟ କାରଣ ଗୁଡିକ ରାଜ୍ୟ କିମ୍ବା ରାଜ୍ୟପାଳଙ୍କ ଦ୍ୱାରା ପୌରପାଳିକା ନିୟମ କିମ୍ବା ଧାରା ୨୪୩ –ଥ (୧) ସର୍ତ୍ତାବଳୀ ଅନୁଯାୟୀ ଛାଡ ପ୍ରଦାନ ସମୟରେ ବିଚାରକୁ ନିଆଯାଏ । ତେବେ ଏଗୁଡିକ କୌଣସି ପ୍ରକାରେ ଏହି ତଥ୍ୟ କୁ ପ୍ରଭାବିତ କିମ୍ବା ନ୍ୟୁନ କରେ ନାହିଁ  ଯେ ଏଭଳି ଶିଳ୍ପ କ୍ଷେତ୍ର କିମ୍ବା ଭୂସମ୍ପତ୍ତିଗୁଡ଼ିକ ସମ ଭାବରେ  "ସ୍ଥାନୀୟ ଅଞ୍ଚଳ" । *ଡାଇମଣ୍ଡ ସୁଗାର ମିଲ୍ସ (ଉପରୋକ୍ତ )* ସ୍ୱୟଂ ସ୍ୱୀକାର କରିଛି ଯେ "ସ୍ଥାନୀୟ" ଶବ୍ଦର ଅର୍ଥ "ଏକ ସ୍ଥାନ ସହ ଜଡ଼ିତ କିମ୍ବା ସମ୍ପର୍କିତ ହେବ" । ଏହି ନ୍ୟାୟାଳୟ ଏହା ମଧ୍ୟ କହିଥିଲେ ଯେ ସ୍ଥାନୀୟ ଅଞ୍ଚଳ ହେଉଛି ସେହି ଅଞ୍ଚଳ ଯାହା ରାଜ୍ୟର କୌଣସି ଭାଗରେ ସ୍ଥାନୀୟ ବ୍ୟାପାରର ପ୍ରଶାସନ ପାଇଁ ସରକାରଙ୍କ ଦ୍ୱାରା ଗଠିତ ପୌର ଆଇନ, ଜିଲ୍ଲା ବୋର୍ଡ କିମ୍ବା ସ୍ଥାନୀୟ ବୋର୍ଡ, ସଂଘ ବୋର୍ଡ, ପଞ୍ଚାୟତ କିମ୍ବା କୌଣସି ସଂସ୍ଥା ଦ୍ୱାରା ପରିଚାଳିତ ହୋଇଥାଏ । ତେଣୁ ଶିଳ୍ପ କ୍ଷେତ୍ର ସମ୍ବନ୍ଧରେ ରାଜ୍ୟ ଆଇନର ପ୍ରୟୋଗ ରାଜ୍ୟର ସ୍ଥାନୀୟ ବ୍ୟାପାର ଉଦ୍ଦେଶ୍ୟରେ ଗଠିତ ସଂସ୍ଥାର ବର୍ଣ୍ଣନା ଅନ୍ତର୍ଗତ ଆସିଥାଏ, କାରଣ ଶିଳ୍ପ କ୍ଷେତ୍ର ମଧ୍ୟ ରାଜ୍ୟର ଅଂଶବିଶେଷ ବୋଲି କେହି ମନା କରିନଥାନ୍ତି । ବର୍ତ୍ତମାନର ମାମଲା ନଥି ସୁଚାଇ ଦେଉଛି ଯେ ଓସିଏଲ ମାମଲାରେ ପୌରପାଳିକାରୁ ବାହାର କରାଯାଇଥିବା ଅଂଚଳଗୁଡିକରେ ଅନେକ ଗାଁ ସାମିଲ ରହିଛି । ଏସ ଏ ଆଇ ଏଲ ନଥିରେ ପ୍ରଦତ୍ତ ତଥ୍ୟ ମଧ୍ୟ ଏହା ସ୍ୱୀକାର କରେ ଯେ ଏହାର ଶିଳ୍ପ କ୍ଷେତ୍ରରେ ସର୍ବନିମ୍ନ ୨୪,୦୦୦ ଘର ରହିଛି । ସେହିଭଳି ହିଣ୍ଡାଲକୋ ତଥା ଏସ ଏ ଆଇ ଏଲ ମାମଲା ସୂଚିତ କରେ ଯେ ଶିଳ୍ପ ଆୟତନ କିମ୍ବା କ୍ଷେତ୍ର ବୃହତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ । ଯଦି କେହି ଏହି ତଥ୍ୟକୁ ଧ୍ୟାନରେ ରଖିବେ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି ଅଞ୍ଚଳ "ସ୍ଥାନୀୟ ଅଂଚଳ" ବର୍ଣ୍ଣନା ମଧ୍ୟରେ ଆସିବ ।

୪୬. ଏହି ମାମଲାରେ ଆବେଦନକାରୀମାନଙ୍କ ଦ୍ୱାରା *ଡାଇମଣ୍ଡ ସୁଗାର ମିଲସ୍ (ଉପରୋକ୍ତ)* ଉପରେ ରଖାଯାଇଥିବା ଭରସା ଭୁଲ ସ୍ଥାନିତ ହୋଇଛି, କାରଣ ସେହି ନିର୍ଣ୍ଣୟରେ , ନ୍ୟାୟାଳୟକୁ ଏକ ଭିନ୍ନ ତଥ୍ୟ ଉପରେ ବିଚାର କରିବାକୁ ପଡ଼ିଥିଲା । ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଆଖୁ ଉପରେ ଲଗାଯାଇଥିବା ଶୁଳ୍କ କାରଖାନା ପରିସରରେ ପ୍ରବେଶ ଘଟଣା ଉପରେ ଲାଗୁ କରାଯାଇଥିଲା । ତେଣୁ ନ୍ୟାୟାଳୟ ସଠିକ୍ ଭାବରେ ନିଷ୍ପତ୍ତି ନେଇଥିଲେ ଯେ  କାରଖାନା

ପରିସର ଏକ ସ୍ଥାନୀୟ ଅଞ୍ଚଳ ଗଠନ କରିପାରିବ ନାହିଁ । *ଶକ୍ତି କୁମାର ସଂଚେତି (ଉପରୋକ୍ତ)* ରେ ପରବର୍ତ୍ତୀ ନିର୍ଣ୍ଣୟ ଏହା ସ୍ପଷ୍ଟ କରିଛି ଯେ ରାଜ୍ୟ ଭିତରେ ଚୂଡ଼ାନ୍ତ ଲକ୍ଷ୍ୟସ୍ଥଳୀରେ ପ୍ରବେଶ କରିବା କ୍ଷଣି ସାମଗ୍ରୀ, ଯେପରିକି ଯାନବାହାନ, ଏହାର ଅନ୍ତିମ ଲକ୍ଷ୍ୟସ୍ଥଳ ପୌରପାଳିକାର ସୀମା ମଧ୍ୟରେ ପହଂଚିବା ଟିକସଯୋଗ୍ୟ ଘଟଣା ହେବ । *ସହଜ ଗ୍ରାମ ପଞ୍ଚାୟତ (ଉପରୋକ୍ତ)* ରେ, ଧାରା ୨୪୩ -(ଥ) (୧) ଅନ୍ତର୍ଗତ କ୍ଷମତା ପ୍ରୟୋଗ କରି ଶିଳ୍ପ କ୍ଷେତ୍ରକୁ ବାଦ୍ ଦିଆଯାଇ ପାରିବ ନାହିଁ ବୋଲି କୁହାଯାଇଥିବା ତର୍କକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । *ଏମଜିଆର ଇଣ୍ଡଷ୍ଟ୍ରିଜ୍ (ଉପରୋକ୍ତ)* ଏକ ଗୁରୁତ୍ୱପୂର୍ଣ୍ଣ ରାୟ, କାରଣ ନ୍ୟାୟାଳୟ କହିଥିଲେ ଯେ ଧାରା ୨୪୩-ଥ(୧) ଅନୁଯାୟୀ ବିଜ୍ଞପ୍ତି ଅନୁପସ୍ଥିତି ରେ ପଞ୍ଚାୟତ ଅଧିକାରିତା କ୍ଷେତ୍ର ରୁ ଏହାକୁ ହଟାଇବା ପାଇଁ ସ୍ଥାନୀୟ ନିୟମ ଅନୁଯାୟୀ ଏକ ଶିଳ୍ପ କ୍ଷେତ୍ରରୁ ବାଦ ଦେବା ପର୍ଯ୍ୟାପ୍ତ ନୁହେଁ । *ନୋଏଡ଼ା (ଉପରୋକ୍ତ)* ର ରାୟ ରେ ସମ୍ବିଧାନର ଭାଗ ୯ -କ ର ଉପବନ୍ଧର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟକୁ ସ୍ପଷ୍ଟ କରାଯାଇଛି । ନ୍ୟାୟାଳୟଙ୍କ ମତରେ ଏଗୁଡ଼ିକ ମଧ୍ୟରୁ କୌଣସି ବି ରାୟ ଆବେଦନକାରୀଙ୍କ ପାଇଁ ସହାୟକ ହୋଇପାରିବ ନାହିଁ, ଯେଉଁମାନେ ଯୁକ୍ତି ବାଢିଛନ୍ତି ଯେ ଔଦ୍ୟୋଗିକ କ୍ଷେତ୍ର କିମ୍ବା ଔଦ୍ୟୋଗିକ ସମ୍ପତ୍ତିକୁ ସ୍ଥାନୀୟ କ୍ଷେତ୍ର ଭାବେ ବର୍ଣ୍ଣନା କରାଯାଇପାରିବ ଯେତେବେଳେ ସେମାନଙ୍କୁ ନଗରପାଳିକାର ସୀମାରେଖା ବାହାରେ ରଖାଯିବ କିମ୍ବା ସମ୍ବିଧାନର ଧାରା ୨୪୩ –ଥ (୧) ଅନ୍ତର୍ଗତ କ୍ଷମତା ପ୍ରୟୋଗ କାରଣରୁ ସେମାନଙ୍କୁ ବାଦ ଦିଆଯିବ ।

୪୭. ଏହା ମଧ୍ୟ ବ୍ୟାଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ବିଧାନ ଯେ ଏକ ଟିକସ ଆଇନର ଶବ୍ଦଗୁଡ଼ିକୁ ସେଗୁଡ଼ିକର ସାଧାରଣ, ପ୍ରାକୃତିକ ଏବଂ ବ୍ୟାକରଣଗତ ଅର୍ଥରେ ପଢ଼ିବା ଉଚିତ । ଏତଦବ୍ୟତୀତ, ସାମ୍ବିଧାନିକ ପ୍ରଣୟନ ରେ ଶବ୍ଦ ଗୁଡିକର ଟୀକାକରଣ କରିବାରେ ଯାହା ବୈଧାନିକ କ୍ଷମତା ପ୍ରଦାନ କରେ, ସେହି ଶବ୍ଦ ଉପରେ ଏକ ସରଳ ବ୍ୟାଖ୍ୟା କରାଯିବା ଉଚିତ ଯାହାଦ୍ୱାରା ସେଗୁଡିକ ବିସ୍ତୃତ ପ୍ରଭାବ ପକାଇ ପାରିବେ ।[23]

୪୮. ଶୁଳ୍କ ଯେପରିକି ପ୍ରବେଶ ଟିକସ ଆଦାୟର ଉଦ୍ଦେଶ୍ୟ ହେଉଛି ନିୟମିତ କ୍ଷେତ୍ରରେ ସାମଗ୍ରୀ ପ୍ରବେଶ ଅର୍ଥାତ ଉତ୍ପାଦନ, ବ୍ୟବହାର ଏବଂ ବିକ୍ରୟ ଉପରେ ନିୟନ୍ତ୍ରଣ କରିବା । ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ଯେ କୌଣସି ଶିଳ୍ପ କ୍ଷେତ୍ର କିମ୍ବା ଶିଳ୍ପାୟତନରେ ସାମଗ୍ରୀର ପ୍ରବେଶ ସେମାନଙ୍କର ଉତ୍ପାଦନ ପାଇଁ କିମ୍ବା ପ୍ରକ୍ରିୟାକରଣ ପାଇଁ କିମ୍ବା ସେମାନଙ୍କର ବିତରଣ ଉଦ୍ଦେଶ୍ୟ ପାଇଁ ହୋଇଥାଏ, ଯାହାକି ସେହି କ୍ଷେତ୍ର ମଧ୍ୟରେ ସେମାନଙ୍କର "ଉପଯୋଗ, ବ୍ୟବହାର କିମ୍ବା ବିକ୍ରୟ" ନେଇ ହୋଇଥାଏ । ଏହା ମଧ୍ୟ ହୋଇପାରେ ଯେ ଶିଳ୍ପ କ୍ଷେତ୍ର କିମ୍ବା ଶିଳ୍ପାୟତନ ମଧ୍ୟକୁ ପ୍ରବେଶ ହେଉଥିବା ସାମଗ୍ରୀ ସେମାନଙ୍କ ବ୍ୟବହାର ନିମିତ୍ତ ଅନ୍ତିମ ଲକ୍ଷ୍ୟ ହୋଇଥାଏ । ସ୍ଥାନୀୟ ଅଞ୍ଚଳରେ ପ୍ରବେଶ ପ୍ରାସଙ୍ଗିକ ବିଷୟ ହେତୁ ଯେକୌଣସି ପରିସ୍ଥିତିରେ ମଧ୍ୟ ଏହି ଶୁଳ୍କ ଲାଗୁ ହେବ ।

[23] ନବୀନଚନ୍ଦ୍ର ମଫତଲାଲ ବନାମ ଆୟକର କମିଶନର, ୧୯୫୫(୧) ଏସସିଆର ୮୨୯

୪୯. ନ୍ୟାୟାଳୟଙ୍କ ମତରେ ଅଧିବକ୍ତାଙ୍କ ଦ୍ୱାରା ରଖାଯାଇଥିବା ଯୁକ୍ତି ଯେ ଶୁଳ୍କ ପୂର୍ବ ପ୍ରଭାବୀ ହୋଇପାରିବ ନାହିଁ, ଏହି ମକଦ୍ଦମାର ବାସ୍ତବିକତାରେ ଅନୁମୋଦିତ ନୁହେଁ । ଦାବି ଆଧାରରେ କରଦାତାଙ୍କୁ ଟିକସ ଦେବା ପାଇଁ ପୂର୍ବ ପ୍ରୟାସ ଯାହା ଆବେଦନ କରିବାକୁ ବାଧ୍ୟ କରିଥିଲା ତାହା ଖାରଜ ହୋଇଥିଲା – ଯେଉଁଠାରେ ଆଇନ ବ୍ୟବସ୍ଥା ଥିଲା ଯେ କିଛି କ୍ଷତିପୂରଣ ଉପାଦାନ ପ୍ରକାଶ କରିବାକୁ ପଡିବ । ଏହି ତ୍ରୁଟିକୁ ଦୂର କରିବା ଉଦ୍ଦେଶ୍ୟରେ *ଶ୍ରୀ ପୃଥ୍ୱୀ କଟନ ମିଲ୍ସ ବନାମ ବରୋଦା ବରୋ ମ୍ୟୁନିସିପାଲିଟି ଓ ଅନ୍ୟମାନେ*[24] ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପ୍ରତିପାଦିତ ସିଦ୍ଧାନ୍ତର ପ୍ରୟୋଗ ଦ୍ୱାରା ଉତ୍ତର ପ୍ରଦେଶ ସରକାର ପ୍ରଣୟନ କରିଥିବା ସାନି ଆଇନ ପିଛିଲା ଭାବରେ ଲାଗୁ କରିବା ବୈଧ ଅଟେ ।

୫୦. ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ ଓଡ଼ିଶା ଏବଂ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟ ଉପରେ ହସ୍ତକ୍ଷେପ କରିବାର କୌଣସି କାରଣ ପାଇନାହାଁନ୍ତି । ଖର୍ଚ୍ଚ ବାବଦକୁ କୌଣସି ଆଦେଶ ନଥାଇ ଉତ୍କର୍ଷତା ନଥିବାରୁ ପରିଣାମ ସ୍ୱରୂପ ସ୍ୱତନ୍ତ୍ର ଅନୁମତି ଏବଂ ପୁନର୍ବିଚାର ଆବେଦନ ଗୁଡିକ ଖାରଜ କରାଗଲା ।

**[ଉଦୟ ଉମେଶ ଲଳିତ]**
**ପ୍ରଧାନ ବିଚାରପତି**

**ନୂଆଦିଲ୍ଲୀ,**
**ନଭେମ୍ବର ୦୪, ୨୦୨୨**

**[ଏସ. ରବୀନ୍ଦ୍ର ଭଟ୍ଟ]**
**ବିଚାରପତି**

**[ଯେ . ବି . ପର୍ଡିୱାଲା]**
**ବିଚାରପତି**

**ଅସ୍ୱୀକାର ପତ୍ର**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**Translated by**
Mrs.Tapaswini Biswal
High Court of Orissa,Cuttack.

[24] ୧୯୭୦ (୧) ଏସସିଆର ୩୮୮